ଟିପ୍ପଣୀ

# ଏକକ-୧ ସାମାଜିକ ବିଜ୍ଞାନର ପ୍ରକୃତି

## ସଂରଚନା

୧.୦ ଉପକ୍ରମ

୧.୧ ଶିକ୍ଷଣ ଉଦ୍ଦେଶ୍ୟ

୧.୨ ସାମାଜିକ ବିଜ୍ଞାନ : କ୍ରମବିକାଶ ଓ ଧାରଣା

୧.୩ ସାମାଜିକ ବିଜ୍ଞାନ : ଅତୀତରୁ ବର୍ତ୍ତମାନ

୧.୪ ସମାଜର ସାମ୍ପ୍ରତିକ ସ୍ଥିତି

୧.୫ ସାମାଜିକ ବିଜ୍ଞାନର ଉପାଦାନ

୧.୬ ସାମାଜିକ ବିଜ୍ଞାନରେ ସମନ୍ୱୟ ଓ ଆନ୍ତଃବିଷୟ ପ୍ରସଙ୍ଗ

୧.୭ ସାରାଂଶ

୧.୮ ଶବ୍ଦାବଳୀ / ପରିଭାଷିତ ଅଭିଧାନ

୧.୯ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୧.୧୦ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧.୧୧ ପାଠାନ୍ତ ପ୍ରଶ୍ନାବଳୀ

### ୧.୦ ଉପକ୍ରମ:

ସାମାଜିକ ବିଜ୍ଞାନ ପୁରୁଷ ଏବଂ ମହିଳାମାନଙ୍କର ସେମାନଙ୍କ ସାମାଜିକ - ସାଂସ୍କୃତିକ ପରିବେଶ ସହିତ ଥିବା ସଂପର୍କକୁ ଅନୁଧ୍ୟାନ କରୁଥିବା ଗୋଟିଏ ଜ୍ଞାନର କ୍ଷେତ୍ରକୁ ନେଇ ଗଠିତ । ସାମାଜିକ ବିଜ୍ଞାନର ଜନ୍ମ ଏକ ଔପଚାରିକ କ୍ଷେତ୍ରର ଅଧ୍ୟୟନ (କ୍ଷେତ୍ରର ଅଧ୍ୟୟନ ସାଧାରଣତଃ ଉଚ୍ଚତର ଶିକ୍ଷା / ବିଶ୍ୱବିଦ୍ୟାଳୟ ସ୍ତରୀୟ ଶିକ୍ଷା ଭାବରେ) ୧୮ ଶତାବ୍ଦୀ ପୂର୍ବେ ଆରମ୍ଭ ହୋଇଥିଲା; ଏବଂ ୨୦ ଶତାବ୍ଦୀ ଠାରୁ ସାମାଜିକ ବିଜ୍ଞାନ ଭାରତ ସମେତ ବିଶ୍ୱର ଅଧିକାଂଶ ଦେଶରେ ବିଦ୍ୟାଳୟ ପାଠ୍ୟକ୍ରମର ଏକ ଅଂଶ ହୋଇଯାଇଛି । ବର୍ତ୍ତମାନ ତୁମେ ମନେ ପକାଅ , ଯେତେବେଳେ ତୁମେ ବିଦ୍ୟାଳୟରେ ପାଠ ପଢୁଥିଲ, ସେତେବେଳେ ତୁମେ ମଧ୍ୟ ସାମାଜିକ ବିଜ୍ଞାନ (କିମ୍ବା ସାମାଜିକ ପାଠ) ପଢୁଥିଲ ଯାହା ତୁମ ବିଦ୍ୟାଳୟ ବିଷୟଗୁଡିକର ଏକ ଅଂଶ ଥିଲା । ଏହି ଏକକରେ, ସାମାଜିକ ବିଜ୍ଞାନର କ୍ରମବିକାଶ ଓ ଧାରଣାର ସ୍ୱତନ୍ତ୍ର ପ୍ରସଙ୍ଗ ସହିତ ଏହାର ପ୍ରକୃତି ବିଭିନ୍ନ ଯୁଗରେ ସାମାଜିକ ବିଜ୍ଞାନ; ସମାଜର ସାମ୍ପ୍ରତିକ ସ୍ଥିତି; ସାମାଜିକ ବିଜ୍ଞାନର ଉପାଦାନ; ଏବଂ ସାମାଜିକ ବିଜ୍ଞାନରେ ସମନ୍ୱୟ ଓ ଆନ୍ତଃବିଷୟ ପ୍ରସଙ୍ଗ ସହିତ ଆମେ ପରିଚିତ ହେବା । ଏହି ଏକକରେ ତାତ୍ତ୍ୱିକ ଆଲୋଚନା ଏବଂ ଯୁକ୍ତିଯୁକ୍ତ, ବାସ୍ତବବାଦୀ ଉଦାହରଣ ଏବଂ ଅନୁଭୂତି, ଉଦ୍ଦୀପ୍ତ ପ୍ରକଳ୍ପ ଆଧାରିତ କାର୍ଯ୍ୟକଳାପ ଏବଂ ଅଭ୍ୟାସ ଦ୍ୱାରା ଆମେ ତୁମ ପାଇଁ ସାମାଜିକ ବିଜ୍ଞାନର ପ୍ରକୃତିକୁ ବର୍ଣ୍ଣନା କରିଛୁ ।

### ୧.୧ ଶିକ୍ଷଣ ଉଦ୍ଦେଶ୍ୟ :

ଏହି ଏକକଟିକୁ ପଢିସାରିବା ପରେ ତୁମେ ସମର୍ଥ ହେବ:



ଟିପ୍ପଣୀ

- ସାମାଜିକ ବିଜ୍ଞାନର କ୍ରମବିକାଶକୁ ବର୍ଣ୍ଣନା କରିବା
- ସାମାଜିକ ବିଜ୍ଞାନର ଧାରଣାକୁ ଏବଂ ସାମାଜିକ ପାଠର ଧାରଣା ସହିତ ଥିବା ଏହାର ସଂପର୍କକୁ ସଂଜ୍ଞାକୃତ କରିବା ।
- ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଠ୍ୟକ୍ରମରେ ସାମାଜିକ ବିଜ୍ଞାନର ସ୍ଥିତିକୁ ବର୍ଣ୍ଣନା କରିବା ।
- ପୂର୍ବ-ଆଧୁନିକ, ଆଧୁନିକ ଏବଂ ସାମ୍ପ୍ରତିକ ବିଶ୍ୱରେ ସାମାଜିକ ବିଜ୍ଞାନର ପ୍ରଚଳିତ ପ୍ରକୃତିକୁ ବର୍ଣ୍ଣନା କରିବା ।
- ବିଭିନ୍ନ ଯୁଗରେ ସାମାଜିକ ବିଜ୍ଞାନର ଭାରତୀୟ ଦୃଷ୍ଟିକୋଣକୁ ବର୍ଣ୍ଣନା କରିବା ।
- ଚଳିତ ସାମାଜିକ ଘଟଣାବଳୀ ଏବଂ ଆହ୍ୱାନର ପ୍ରସଙ୍ଗରେ ସାମାଜିକ ବିଜ୍ଞାନ ଶିକ୍ଷଣର ସ୍ଥାନ ଏବଂ ପରିସରକୁ ଯଥାର୍ଥତା ପ୍ରତିପାଦନ କରିବା ।
- ସାମାଜିକ ବିଜ୍ଞାନ ପରିବାରରେ ସଂପୃକ୍ତ ବିଷୟଗୁଡ଼ିକର ତାଲିକା କରିବା ।
- ବିଦ୍ୟାଳୟ ସ୍ତରରେ ସାମାଜିକ ବିଜ୍ଞାନର ସୂଚିତ ଉପାଦାନଗୁଡ଼ିକୁ ଚିହ୍ନଟ କରିବା ।
- ସାମାଜିକ ବିଜ୍ଞାନର ସମନ୍ୱୟ ଏବଂ ଆନ୍ତଃବିଷୟ ପ୍ରସଙ୍ଗକୁ ବର୍ଣ୍ଣନା କରିବା ।

## ୧.୨ ସାମାଜିକ ବିଜ୍ଞାନ : କ୍ରମବିକାଶ ଓ ଧାରଣା:-

ସାମାଜିକ ବିଜ୍ଞାନ ଜ୍ଞାନର କ୍ଷେତ୍ର/ପରିସର/ବିଭାଗକୁ ଅନ୍ତର୍ଭୁକ୍ତ କରିଛି ଯାହା ସାଧାରଣତଃ ମନୁଷ୍ୟ ସଂପର୍କ କିମ୍ବା ମନୁଷ୍ୟ ସମାଜକୁ ଅଧ୍ୟୟନ କରିଥାଏ । ସାମାଜିକ ବିଜ୍ଞାନ ମନୁଷ୍ୟ ଜୀବନର ସାମାଜିକ ବ୍ୟବହାରକୁ ଅଧ୍ୟୟନ କରିଥାଏ । ମନୁଷ୍ୟ ଜୀବନର ସାମାଜିକ ବ୍ୟବହାରର ବିଭିନ୍ନ ମୁଖ୍ୟ ଉପାଦାନଗୁଡ଼ିକ ହେଲା - ଅର୍ଥନୈତିକ ବ୍ୟବହାର, ରାଜନୈତିକ ବ୍ୟବହାର, ସାଂସ୍କୃତିକ ବ୍ୟବହାର ଏବଂ ପରମ୍ପରା, ପ୍ରଥା ଏବଂ ସାମାଜିକ ଅନୁଷ୍ଠାନ, ଧାର୍ମିକ ବିଶ୍ୱାସ ଏବଂ ନୈତିକ ନିୟମସମୂହ, ସମାଜରେ ପ୍ରଚଳିତ ମୂଲ୍ୟବୋଧ ଢାଞ୍ଚା ଇତ୍ୟାଦି । ସାମାଜିକ ବିଜ୍ଞାନ, ବିଦ୍ୟାଳୟ ପାଠ୍ୟକ୍ରମ ସହିତ ଉଭୟ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚତର ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବରେ ସ୍ଥାନ ଲାଭ କରିଛି । ବିଶ୍ୱବିଦ୍ୟାଳୟ/ଉଚ୍ଚତର ଶିକ୍ଷା/ ଉଚ୍ଚତର ବିଦ୍ୟାଳୟ ସ୍ତରରେ, ବିଭିନ୍ନ ସାମାଜିକ ବିଜ୍ଞାନ ବିଷୟଗୁଡ଼ିକ ଯଥା ଇତିହାସ, ରାଜନୈତିକ ବିଜ୍ଞାନ, ଅର୍ଥନୀତି, ମାନବଶାସ୍ତ୍ର ଇତ୍ୟାଦି ପିଲାମାନଙ୍କୁ ସ୍ୱାଧୀନ/ ଇଚ୍ଛାଧୀନ ବିଷୟଗୁଡ଼ିକ ଭାବେ ପଢ଼ା ଯାଉଛି । ବିଦ୍ୟାଳୟ କିମ୍ବା କନିଷ୍ଠ ବିଦ୍ୟାଳୟ ସ୍ତରରେ, ବିଭିନ୍ନ ସାମାଜିକ ବିଜ୍ଞାନ ବିଷୟଗୁଡ଼ିକ ଗୋଟିଏ ଏକମାତ୍ର ଏବଂ ମିଶ୍ର ଶିକ୍ଷାଦାନ ସମ୍ବନ୍ଧୀୟ କ୍ଷେତ୍ର / ବିଷୟ ଯଥା ସାମାଜିକ ପାଠ (କିମ୍ବା ସାମାଜିକ ବିଜ୍ଞାନ) ଭାବେ ଶିକ୍ଷାର୍ଥୀମାନଙ୍କୁ ପଢ଼ାଯାଏ । ବର୍ତ୍ତମାନ ଆମେ ସାମାଜିକ ବିଜ୍ଞାନର କ୍ରମବିକାଶ ଏବଂ ଧାରଣା ସଂପର୍କରେ ଆଲୋଚନା କରିବା ।

### ୧.୨.୧ ସାମାଜିକ ବିଜ୍ଞାନର କ୍ରମବିକାଶ

୧୮ ଶତାବ୍ଦୀରେ ଏକ ଔପଚାରିକ କ୍ଷେତ୍ରର ଅଧ୍ୟୟନ ଭାବେ 'ସାମାଜିକ ବିଜ୍ଞାନ'ର କ୍ରମ ବିକଶିତ ହୋଇଥିଲା ଏବଂ ବିଶ୍ୱବିଦ୍ୟାଳୟ / ଉଚ୍ଚତର ଶିକ୍ଷା ପାଠ୍ୟକ୍ରମର ଗୋଟିଏ ଅଂଶ ହେଲା । ବିଂଶ ଶତାବ୍ଦୀ ବେଳକୁ ବିଦ୍ୟାଳୟ କିମ୍ବା ଜୁନିୟର ବିଦ୍ୟାଳୟ ପାଠ୍ୟକ୍ରମରେ ସଂପୃକ୍ତ ହେବାପାଇଁ "ସାମାଜିକ ପାଠ" (ଏହା ବିଭିନ୍ନ ସାମାଜିକ ବିଜ୍ଞାନରୁ ବିଷୟବସ୍ତୁକୁ ଆଣିଛି) ବିକଶିତ ହୋଇଥିଲା ।

ସାମାଜିକ ବିଜ୍ଞାନର କ୍ରମବିକାଶ ଏବଂ ବୃଦ୍ଧି ହେଉଛି ଆଧୁନିକୀକରଣ, ଉଦ୍ୟୋଗୀକରଣ, ନବଜାଗରଣ, ସହରୀକରଣ, ବିଜ୍ଞାନର ବୃଦ୍ଧି ଏବଂ ବିକାଶ ସମ୍ବନ୍ଧୀୟ ଅଧିକାଂଶ ଉପ୍ତାଦନର ଫଳାଫଳ । ମନୁଷ୍ୟ ଜୀବନ ଏବଂ ଜୀବନ ଧାରଣରେ ହେଉଥିବା ବିଭିନ୍ନ ପରିବର୍ତ୍ତନ ଯେଉଁଗୁଡ଼ିକ ସାଧାରଣତଃ ଅଷ୍ଟାଦଶ ଶତାବ୍ଦୀ ଏବଂ ଏହାର ପରବର୍ତ୍ତୀ ଶତାବ୍ଦୀ ପୂର୍ବରୁ କ୍ୱଚିତ ଦେଖାଯାଇଥିଲା । ଅଷ୍ଟାଦଶ ଶତାବ୍ଦୀଠାରୁ ସଂପୂର୍ଣ୍ଣ ବିଶ୍ୱରେ ଅଲୌକିକ ପରିବର୍ତ୍ତନ ହେବାର ଲକ୍ଷ୍ୟ କରାଯାଇଛି । ଇଟାଲୀରେ ଏବଂ ଅନ୍ୟ ଇଉରୋପ ଦେଶରେ ନବଜାଗରଣ, ୧୭୮୯ର ଫ୍ରାନ୍ସ

ଟିପ୍ପଣୀ

ବିପ୍ଳବ, ୧୭୬୭ରେ ଶିଳ୍ପ ସମ୍ବନ୍ଧୀୟ ବିପ୍ଳବର ଆରମ୍ଭ , ୧୭୭୬ ଆମେରିକୀୟ ସ୍ୱାଧୀନତା ସଂଗ୍ରାମ, ନୂତନ ପ୍ରକାରର ପୁଞ୍ଜିବାଦର ବିକାଶ, ବାସ୍ତବିକ ବିଜ୍ଞାନରେ ବିଶାଳ ବିକାଶ ଇତ୍ୟାଦି ବିଶ୍ୱରେ ମନୁଷ୍ୟ ସମାଜ ପାଇଁ ଉଭୟ ଆନନ୍ଦ ଏବଂ ଅସୁବିଧା ଆଣିଥିଲା । ଉଦାହରଣ ସ୍ୱରୂପ:- ସକରାତ୍ମକ ଦୃଷ୍ଟି କୋଣରୁ ସେତେବେଳେ ବାଣିଜ୍ୟିକ ବିକାଶ, ଯାତାୟାତର ବିକାଶ, ବିଭିନ୍ନ ପ୍ରକାରର ଆରାମ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି, ଅର୍ଥନୈତିକ ପରିସ୍ଥିତିରେ ବିକାଶ ଇତ୍ୟାଦି ଏବଂ ନକରାତ୍ମକ ଦୃଷ୍ଟିକୋଣରୁ ସାମାଜିକ ଜୀବନର ଜଟିଳତାର ବିକାଶ, ରାଜନୈତିକ ବିଶୃଙ୍ଖଳା, ସାମାଜିକ ଅବ୍ୟବସ୍ଥା ଏବଂ ଅସ୍ଥିରତା, ବୌଦ୍ଧିକ ସଂକଟ, ଲୋକମାନଙ୍କ ମଧ୍ୟରେ ଅସ୍ୱାସ୍ଥ୍ୟକର ପ୍ରତିଦ୍ୱନ୍ଦ୍ୱିତାର ବିକାଶ ଇତ୍ୟାଦି ବୃଦ୍ଧି ହୋଇଥିଲା । ଏହି ସମସ୍ତ ସମସ୍ୟା ଏବଂ ଆହ୍ୱାନଗୁଡ଼ିକୁ ପ୍ରତିରୋଧ କରିବା ପାଇଁ ସାମାଜିକ ବିଜ୍ଞାନ ସୃଷ୍ଟି ହେଲା ଏବଂ ଶିକ୍ଷଣ ବ୍ୟବସ୍ଥା / ଶିକ୍ଷାର ଗୋଟିଏ ଅଂଶ ହେଲା ।

ସାମାଜିକ ବିଜ୍ଞାନ ଆଧୁନିକ ସମାଜର ଭବିଷ୍ୟତ ଏବଂ ଲକ୍ଷଣକୁ ବୁଝିବାର ଏକ ପ୍ରଚେଷ୍ଟା ଭାବରେ ୧୮ ଶତାବ୍ଦୀର ପ୍ରାରମ୍ଭରେ ସୃଷ୍ଟି ହୋଇଥିଲା । (Ross, 1991). Montesquieu Spirit of the laws (1978), Adam Smith's Wealth of Nations (1976), Condorcet's outline of an Historical view of the progress of the Human kind (1795) and J.G. Herden's Idea towards a Philosophy of History (1784-91) ଇତ୍ୟାଦି ସାମାଜିକ ବିଜ୍ଞାନର ଅନୁକରଣୀୟ ପାଠ୍ୟ ଥିଲା । ଆଧୁନିକ ସମାଜ ଏବଂ ଏହାର ସାମନ୍ତବାଦ ଓ ପ୍ରାଚୀନ ଗଠନ ମଧ୍ୟରେ ଥିବା ପାର୍ଥକ୍ୟକୁ ପର୍ଯ୍ୟବେକ୍ଷଣ କରି, ଏହି ସାମାଜିକ ବୈଜ୍ଞାନିକମାନେ ସାମାଜିକ ବିଜ୍ଞାନକୁ ମନନ କରିଥିଲେ ଯାହା ଆଧୁନିକ ସମାଜକୁ ଭବିଷ୍ୟତ ପ୍ରତି ମାର୍ଗ ଦର୍ଶାଇପାରିବ । ଉଦ୍ୟୋଗୀକରଣ, ଆଧୁନିକୀକରଣ, ବୈଜ୍ଞାନିକ ବିକାଶ ଇତ୍ୟାଦିର ବୃଦ୍ଧି ଯୋଗୁ, ଅଧିକାଂଶ ନୂତନ ସାମାଜିକ ସମସ୍ୟା ଦେଖାଯିବା ସହ ସଂପୂର୍ଣ୍ଣ ସାମାଜିକ ପ୍ରକ୍ରିୟାକୁ ପ୍ରଭାବିତ କରିଛି ଏବଂ ଏହାକୁ ପଙ୍ଗୁ କରିଛି । ଉଦ୍ୟୋଗୀକରଣ ଏବଂ ଆଧୁନିକୀକରଣର କ୍ଷିପ୍ର ବୃଦ୍ଧି ବିଭିନ୍ନ ପ୍ରକାରର ସାମାଜିକ ସମସ୍ୟା ଯଥା ଶାରିରୀକ ଅସୁସ୍ଥତା, ସାମାଜିକ ହସ୍ତାନ୍ତରଣ, ଶ୍ରମିକ ଶୋଷଣ ଇତ୍ୟାଦିକୁ ପ୍ରେରିତ କରିଥିଲା ବେଳେ ଆଧୁନିକ ବିଜ୍ଞାନ ଜୈବିକ ଯୁଦ୍ଧାସ୍ତ୍ର ଜରିଆରେ ଯୁଦ୍ଧ, ମାନବର ଧ୍ୱଂସ ପାଇଁ ପରମାଣୁ ଅସ୍ତ୍ର, ଅଧିକାଂଶ ରାସାୟନିକ ବିପଦ ଏବଂ ନାଭିକୀୟ ପ୍ରତିକ୍ରିୟା ଇତ୍ୟାଦିକୁ ସୃଷ୍ଟି କରିଛି । ୨୦ ଶତାବ୍ଦୀରେ ହୋଇଥିବା ୨ଟି ଯୁଦ୍ଧ (ଯଥା:- Wold war-I and World War-II) ମାନବଜାତିର ଏକ ଅବର୍ଣ୍ଣନୀୟ କ୍ଷତି ଘଟାଇଛି । ଏହି ଦୁଇଟି ଯୁଦ୍ଧ ସହିତ ସେତେବେଳେ ଆହୁରି ଅଧିକାଂଶ ଯୁଦ୍ଧ ବିଶ୍ୱର ବହୁ ସଂଖ୍ୟକ ଦେଶରେ ହୋଇଥିବାର ଦେଖାଯାଇଥିଲା ଯେଉଁଗୁଡ଼ିକ ମାନବସମାଜ ପାଇଁ ବାସ୍ତବ ପକ୍ଷେ କ୍ଷତିକାରକ ଥିଲା । ବିଜ୍ଞାନ, ନଗରୀକରଣ, ଉଦ୍ୟୋଗୀକରଣ ଇତ୍ୟାଦିର ଅପବ୍ୟବହାର ହେଉଛି ବିଶ୍ୱର ମାନବସମାଜ ପାଇଁ ଏକ ଦୁଃଖ । ୧୯୩୦ରୁ ୧୯୪୦ ମଧ୍ୟରେ ହୋଇଥିବା ଅର୍ଥନୈତିକ ବିଷାଦର ଅନୁଭୂତି ବିଶ୍ୱର ଲୋକମାନଙ୍କ ମଧ୍ୟରେ ବିପଦପୂର୍ଣ୍ଣ / ଅସୁରକ୍ଷିତ, ଭୟ, ଅବିଶ୍ୱାସ ଏବଂ ସନ୍ଦେହର ଅନୁଭୂତି ସୃଷ୍ଟି କରିଥିଲା । ଗତ ୧୦୦ ବର୍ଷରେ ହୋଇଥିବା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ଅଭିବୃଦ୍ଧି ଅଧିକାଂଶ ନୂତନ ସାମାଜିକ ସମସ୍ୟା ସୃଷ୍ଟି କରିବା ସହିତ ଅଧିକାଂଶ ସକରାତ୍ମକ ଫଳାଫଳ ମଧ୍ୟ ପ୍ରଦାନ କରିଛି । ଏକ ପକ୍ଷରେ ବିଜ୍ଞାନ, ଉଦ୍ୟୋଗୀକରଣ ଏବଂ ଆଧୁନିକୀକରଣର କୁପ୍ରଭାବକୁ ରୋକିବା ପାଇଁ ସାମାଜିକ ବିଜ୍ଞାନ ଅନ୍ୟ ପକ୍ଷରେ ଆଧୁନିକ ସମାଜର ଉତ୍ତମ ଭବିଷ୍ୟତ ପାଇଁ ପଥପ୍ରଦର୍ଶନ କରିବା ପାଇଁ ଆତ୍ମ ପ୍ରକାଶ କରିଥିଲା । ବର୍ତ୍ତମାନ ଯୁଗରେ ଦାର୍ଶନିକ, ଚିନ୍ତାନାୟକ ବୈଜ୍ଞାନିକ, ରାଜନୈତିକ ବ୍ୟକ୍ତି ଏବଂ ଅନ୍ୟ ବୁଦ୍ଧିଜୀବୀ ବର୍ଗମାନେ ଅନୁଭବ କରିଛନ୍ତି ଯେ ସାମାଜିକ ବିଜ୍ଞାନ ଅନ୍ୟ ବିଜ୍ଞାନ ଯଥା-ଭୌତିକ ବିଜ୍ଞାନ କିମ୍ବା ଜୈବିକ ବିଜ୍ଞାନ ଠାରୁ କୌଣସି ଗୁଣରେ ନିକୃଷ୍ଟ ନୁହେଁ । ସାଧାରଣ ବିଜ୍ଞାନ ଏହା ପ୍ରମାଣିତ କରିଛି ଯେ କେବଳ ଗୋଟିଏ ପରମାଣୁ ବିସ୍ଫୋରଣ ଦ୍ୱାରା ବିଶ୍ୱରୁ ସମଗ୍ର ମାନବସମାଜର ମୂଳପୋଛ ହୋଇପାରିବ । ଏହି ପ୍ରକାରର ପ୍ରକ୍ରିୟାର ମାନବ ସମାଜକୁ ଧ୍ୱଂସରୁ ରକ୍ଷା କରିବା ପାଇଁ ସାମାଜିକ ବିଜ୍ଞାନ ଅଧ୍ୟୟନର ଆବଶ୍ୟକତା ଅଛି ।

ଆଧୁନିକ ସମାଜ ପାଇଁ ସାମାଜିକ ବିଜ୍ଞାନର ପ୍ରମୁଖ ପ୍ରାସଙ୍ଗିକତା ରହିଛି । ତେଣୁ ପାଠ୍ୟକ୍ରମ ପଦ୍ଧତି / ଶିକ୍ଷା ପାଇଁ ଏହା ଆଧୁନିକ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ / ଅଂଶ ଭାବେ ଗ୍ରହଣ କରାଯାଇଛି । ସାମାଜିକ ବିଜ୍ଞାନ ୧୮ ଶତାବ୍ଦୀର ଆରମ୍ଭ ଠାରୁ ସମଗ୍ର ବିଶ୍ୱରେ ଉଚ୍ଚତର ଶିକ୍ଷା / ବିଶ୍ୱବିଦ୍ୟାଳୟର ଏକ ଅଂଶ ଭାବେ ଗ୍ରହଣ କରାଯାଇଛି । ବ୍ୟକ୍ତିର ଗଣତାନ୍ତ୍ରିକ ନାଗରିକତା ଗୁଣାବଳୀ ଏବଂ ସାମାଜିକ ସୁସ୍ଥତାର ବିକାଶ ପାଇଁ ସାମାଜିକ ବିଜ୍ଞାନର ଗୁରୁତ୍ୱକୁ

ଉପଲବ୍ଧ କରାଯାଇଛି । ୧୮ ଶତାବ୍ଦୀ ଠାରୁ ବିଶ୍ୱର ଅଧିକାଂଶ ଦେଶର ବିଦ୍ୟାଳୟ ପାଠ୍ୟକ୍ରମରେ ସେଗୁଡିକୁ "ସାମାଜିକ ପାଠ" କିମ୍ବା 'ସାମାଜିକ ବିଜ୍ଞାନ' ନାମରେ ନାମିତ କରାଯାଇଛି । ଏହି ଏକକର ଆଗାମୀ ପରିଚ୍ଛେଦରେ ଉଚ୍ଚତର ଶିକ୍ଷା ପାଠ୍ୟକ୍ରମ ଏବଂ ବିଦ୍ୟାଳୟରେ କିପରି ସାମାଜିକ ବିଜ୍ଞାନର ଉପାଦାନଗୁଡିକୁ ଗଠନ କରାଯାଇଛି ସେହି ବିଷୟରେ ତୁମେ ସବିଶେଷ ତଥ୍ୟ ଶିକ୍ଷଣ କରିବ ।

**୧.୨.୨ ସାମାଜିକ ବିଜ୍ଞାନର ଧାରଣା ଏବଂ ସାମାଜିକ ପାଠର ଧାରଣା ସହିତ ଏହାର ସଂପର୍କ :-**

ବିଷୟଗତ ଭାବେ, ସାମାଜିକ ବିଜ୍ଞାନ ଏବଂ ସାମାଜିକ ପାଠ ମଧ୍ୟରେ ସଂପର୍କ ଏବଂ ତୁଳନା ବିଭିନ୍ନ ଦୃଷ୍ଟିକୋଣରୁ ପରିଲକ୍ଷିତ ହୁଏ । ଏମାନଙ୍କ ମଧ୍ୟରେ ଥିବା ଧାରଣାତ୍ମକ ସଂପର୍କ ଏବଂ ତୁଳନା ନିମ୍ନରେ ଆଲୋଚନା କରାଯାଇଛି ।

**ସାମାଜିକ ବିଜ୍ଞାନର ଧାରଣା :-**

ସାମାଜିକ ବିଜ୍ଞାନ ହେଉଛି ଜ୍ଞାନର ଭଣ୍ଡାର ଯାହା ସାମାଜିକ - ସାଂସ୍କୃତିକ ପ୍ରଣାଳୀର ବର୍ଣ୍ଣଚ୍ଛଟାରେ ମାନବ ବ୍ୟାପାର ସହିତ ସଂପୃକ୍ତ । ସାମାଜିକ ବିଜ୍ଞାନ ଉଚ୍ଚତର ଶିକ୍ଷା ପାଠ୍ୟକ୍ରମ / ଉଚ୍ଚ ବିଦ୍ୟାଳୟର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ଗଠନ କରାଯାଇଛି । ବିଭିନ୍ନ ପ୍ରକାରର ସାମାଜିକ ବିଷୟଗୁଡିକ ହେଉଛି ଇତିହାସ, ନଗରବିଜ୍ଞାନ, ମାନବଶାସ୍ତ୍ର, ଦର୍ଶନ ଶାସ୍ତ୍ର, ଅର୍ଥନୀତି ଇତ୍ୟାଦି; ଯାହା ଉଚ୍ଚ ବିଦ୍ୟାଳୟ / ବିଶ୍ୱବିଦ୍ୟାଳୟ ଶିକ୍ଷାରେ ସ୍ୱତନ୍ତ୍ର ପରିଚୟ ଭାବେ ବିବେଚିତ ହୋଇଛି । ସାମାଜିକ ବିଜ୍ଞାନର ଧାରଣାକୁ Charles Beard and James High ଙ୍କର ସଂଜ୍ଞା ନିମ୍ନ ମତେ ବର୍ଣ୍ଣନା କରେ :

- **Charles Beard** : ସାମାଜିକ ବିଜ୍ଞାନ ହେଉଛି ମନୁଷ୍ୟ ବ୍ୟାପାର ସଂକ୍ରାନ୍ତ ଜ୍ଞାନ ଓ ଚିନ୍ତନର ଭଣ୍ଡାର; ଯାହା କାଠି, ପଥର, ତାରା ଏବଂ ଭୌତିକ ପଦାର୍ଥ ଠାରୁ ଭିନ୍ନ ଅଟେ । (S.K. Kochhu, The teaching of Social Studies, 1984- First Edition)
- **James High** : ସାମାଜିକ ବିଜ୍ଞାନ ହେଉଛି ଅଧ୍ୟୟନ ଏବଂ ଶିକ୍ଷଣର ଗନ୍ତାଘର ଯାହା ସାମାଜିକ ପ୍ରତିକ୍ରିୟା ସୃଷ୍ଟି କରିବା ପାଇଁ ଭୌତିକ ଏବଂ ଅଣଭୌତିକର ପାରସ୍ପରିକ କ୍ରିୟା ଏବଂ ଏକକାଳୀନତାକୁ ଚିହ୍ନଟ କରିଥାଏ । (Dr. Y. K. Singh, Teaching of Social Studies.2008) ନିମ୍ନଲିଖିତ ପଏ[ଗୁଡିକ ସାମାଜିକ ବିଜ୍ଞାନର ଲକ୍ଷଣର ବିଶେଷତ୍ୱ ଅଟେ:-

୧. **ମାନବ କାର୍ଯ୍ୟ ଉପରେ ସିଧା ସଳଖ ପ୍ରଭାବ** :- ସାମାଜିକ ବିଜ୍ଞାନ ଜ୍ଞାନର ଦୃଷ୍ଟିକୋଣ ସହିତ ସଂପୃକ୍ତ ଯାହା ବିଭିନ୍ନ ସାମାଜିକ-ସାଂସ୍କୃତିକ କ୍ଷେତ୍ରରେ ମଣିଷର କାର୍ଯ୍ୟ ଉପରେ ଆଚରଣଗତ ପ୍ରଭାବ ପକାଇଥାଏ ।

୨. **ମାନବ ସମାଜର ଅଗ୍ରିମ ଅଧ୍ୟୟନ** :- ସାମାଜିକ ବିଜ୍ଞାନ ହେଉଛି ମାନବ ସମାଜର ଅଗ୍ରିମ ସ୍ତରର ଅଧ୍ୟୟନ; ଏବଂ ଏହା ସାଧାରଣତଃ ଉଚ୍ଚତର ଶିକ୍ଷା ସ୍ତରରେ ପଢାଯାଏ/ଅଧ୍ୟୟନ କରାଯାଏ ।

୩. **ମାନବ ସଂପର୍କ ବିଷୟରେ ସତ୍ୟତାର ଅନୁସନ୍ଧାନ କରିବା** :- ସାମାଜିକ ବିଜ୍ଞାନ ମାନବ ସଂପର୍କ ବିଷୟରେ ସତ୍ୟତା ଖୋଜିବା ପାଇଁ ପଥ ଅନ୍ୱେଷଣ କରେ ଯାହା ସାଧାରଣତଃ ସାମାଜିକ ଉପଯୋଗିତା ଏବଂ ଜ୍ଞାନର ଉନ୍ନତିକୁ ଅଂଶଦାନ କରିଥାଏ ।

**ସାମାଜିକ ପାଠର ଧାରଣା :**

ସାମାଜିକ ପାଠର ଧାରଣା ହେଉଛି ସାମ୍ପ୍ରତିକ ଉତ୍ପତ୍ତି । ବିଦ୍ୟାଳୟ କାର୍ଯ୍ୟକ୍ରମର ଅଂଶ ଭାବେ ପ୍ରାଧାନ୍ୟ ଦେବା ପାଇଁ ସାମାଜିକ ପାଠକୁ ଉଦ୍‌ଭବ ଏବଂ ବିକଶିତ କରାଯାଇଛି । ୧୯୧୬ ଠାରୁ ଆମେରିକାରେ ସାମାଜିକ ପାଠର ବହୁଳ ବ୍ୟବହାର ଆରମ୍ଭ ହୋଇଥିଲା । ଭାରତରେ ଏହାର ବ୍ୟବହାର ଗାନ୍ଧିଜୀଙ୍କର ମୌଳିକ ଶିକ୍ଷା (୧୯୩୭)ର ପ୍ରଣୟନ ସମୟରେ ହୋଇଥିବା ଅନୁମାନ କରାଯାଇପାରେ ।

ଟିପ୍ପଣୀ

ସାମାଜିକ ପାଠ ହେଉଛି ଏକ ଏକକ ଏବଂ ମିଶ୍ର ଶିକ୍ଷା ସମ୍ବନ୍ଧୀୟ କ୍ଷେତ୍ର ଯାହାର ଅଧିକାଂଶ ବିଷୟବସ୍ତୁଗୁଡିକ ସାମାଜିକ ବିଜ୍ଞାନ ଯଥା ଇତିହାସ, ଭୂଗୋଳ, ନଗର ବିଜ୍ଞାନ, ଅର୍ଥନୀତିରୁ ଆନୀତ । ସାମାଜିକ ପାଠ, ସାମାଜିକ ବିଜ୍ଞାନ ବିଷୟଗୁଡିକୁ ଅସମ୍ବନ୍ଧୀୟ ମାଧ୍ୟମରେ ସଂଯୋଗ କରିନାହିଁ ବରଂ ଏହା ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏବଂ ସେମାନେ ବାସ କରୁଥିବା ସମାଜ / ପରିବେଶ ସହିତ ପୁରୁଷ/ସ୍ତ୍ରୀ (ମହିଳା)ଙ୍କ ସଂପର୍କକୁ ବୁଝିବା ପାଇଁ ଅର୍ଥପୂର୍ଣ୍ଣଭାବେ ଏମାନଙ୍କୁ ଏକାଠି କରିଛି । ସମାଜିକ ପାଠ ଶିକ୍ଷଣର ମୁଖ୍ୟ ଲକ୍ଷ୍ୟ ହେଉଛି ସୁସ୍ଥ ସାମାଜିକ ଜୀବନୀକୁ ସଂପର୍କିତ କରି ଦକ୍ଷତାଗୁଡିକୁ ବିକାଶ କରିବା । ସାମାଜିକ ପାଠ ସମାଜର ବ୍ୟାବହାରିକ ଦିଗ ସହିତ ସଂପୃକ୍ତ । ସାମାଜିକ ପାଠ ଉପରେ James High and John V. Michael ଙ୍କର ସଂଜ୍ଞା ନିମ୍ନରେ ଦିଆଯାଇଛି ।

- **James High** : ସରଳ ଭାବରେ କହିଲେ ସାମାଜିକ ପାଠ ହେଉଛି ବିଦ୍ୟାଳୟ ଦର୍ପଣ ଏବଂ ସାମାଜିକ ବିଜ୍ଞାନର ଅଧ୍ୟୟନଶୀଳ ସିଦ୍ଧାନ୍ତ ଅଟେ । ସମାଜ ବିଜ୍ଞାନୀମାନେ ଏକାଠି କରୁଥିବା ସେହି ତଥ୍ୟାବଳୀକୁ ସବୁ ଗ୍ରେଡ୍‌ର ପିଲାମାନଙ୍କ ନିମନ୍ତେ ପରିପ୍ରକାଶନର ଉପଯୁକ୍ତ ସ୍ତର ପର୍ଯ୍ୟନ୍ତ ସମନ୍ୱିତ ଓ ସରଳୀକୃତ କରାଯାଇଥାଏ । (S.K.Kochhar, The teaching of Social Studies, 1984 - First Edition).

- **John V. Michaela's** : ସାମାଜିକ ପାଠ ମନୁଷ୍ୟ ଏବଂ ତାହାର ଭୌତିକ ଓ ସାମାଜିକ ପରିବେଶ ସହିତ ଥିବା ସଂପର୍କ ସହିତ ସଂପୃକ୍ତ । ଏଗୁଡିକ ଲୋକମାନଙ୍କର ସଂପର୍କ ସହ ଜଡିତ । ସାମାଜିକ ପାଠର ମୁଖ୍ୟ ଉଦ୍ଦେଶ୍ୟ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ସହ ସମାନ - ଗଣତାନ୍ତ୍ରିକ ନାଗରିକତାର ବିକାଶ କରିବା ଅଟେ ।

  (S.K. Kochhar, The Teaching of Social Studies 1984- First Edition)

  ସାମାଜିକ ପାଠର ଲକ୍ଷଣଗୁଡିକୁ ନିମ୍ନଲିଖିତ ପଏଣ୍ଟ୍‌ରେ ଦର୍ଶାଯାଇଛି :-

୧. ସାମାଜିକ ପାଠ ସାମାଜିକ-ସାଂସ୍କୃତିକ ପରିବେଶ ସହିତ ଥିବା ମାନବର ସଂପର୍କ ଅଧ୍ୟୟନ ସହିତ ସଂପୃକ୍ତ ।

୨. ସାମାଜିକ ପାଠ ଗୋଟିଏ ଶିକ୍ଷା ସମ୍ବନ୍ଧୀୟ କ୍ଷେତ୍ର ଭାବେ ସାମାଜିକ ବିଜ୍ଞାନ ଠାରୁ ବିକଶିତ କରାଯାଇଛି । ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସୁସ୍ଥ ସାମାଜିକ / ଗଣତାନ୍ତ୍ରିକ ଚଳଣିକୁ ପ୍ରୋତ୍ସାହନ ଦେବାପାଇଁ ବିଦ୍ୟାଳୟ ସ୍ତରରେ ଏହାକୁ ଅଧ୍ୟୟନ କରାଯାଉଛି ।

୩. ସାମାଜିକ ପାଠ ବର୍ତ୍ତମାନ, ଅତୀତ ଏବଂ ଭବିଷ୍ୟତ ସହିତ ସଂପର୍କ ସ୍ଥାପନ କରିଥାଏ ।

୪. ସାମାଜିକ ପାଠ ମନୁଷ୍ୟମାନଙ୍କର ଅତୀତ ଇତିହାସଠାରୁ ସେମାନଙ୍କର ସାଂପ୍ରତିକ ଜୀବନ ଏବଂ ସମସ୍ୟାକୁ ଉପରେ ଅଧିକ ଗୁରୁତ୍ୱ ଦେଇଥାଏ ।

୫. ସାମାଜିକ ପାଠର ମୁଖ୍ୟ ଲକ୍ଷ୍ୟ ହେଉଛି ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ସାମାଜିକ-ସାଂସ୍କୃତିକ ପରିବେଶ ଯଥା ପରିବାର, ଗୋଷ୍ଠୀ, ରାଜ୍ୟ, ଦେଶ ଏବଂ ସେମାନଙ୍କର ସମସ୍ତ ମାନବ ସମାଜ ସହିତ ସମାଯୋଜନ କରିବା ପାଇଁ ସମର୍ଥ କରାଇବା ।

୬. ସାମାଜିକ ପାଠ ସମାଜର ବ୍ୟାବହାରିକ ଦିଗ ସହିତ ଜଡିତ କିମ୍ବା ଏହା ଗୋଟିଏ ବାସ୍ତବବାଦୀ ବିଷୟ ଅଟେ ।

୭. ସାମାଜିକ ପାଠ ବର୍ତ୍ତମାନ ଏକ ପ୍ରଗତିଶୀଳ ଏବଂ ବିକାଶଶୀଳ ସ୍ତରରେ ଅଛି । ଏହା ନିଜର ପରିସରକୁ ବିସ୍ତୃତ ଏବଂ ବ୍ୟାପକ କରିବା ପାଇଁ ଚେଷ୍ଟା କରୁଛି ।

୮. ସାମାଜିକ ପାଠକୁ ବର୍ତ୍ତମାନ ଯୁଗରେ ଏକ ସୁସ୍ଥ ସାମାଜିକ ଜୀବନ ସହିତ ସଂପର୍କିତ କରି

ଟିପ୍ପଣୀ

ଆବଶ୍ୟକୀୟ ଦକ୍ଷତା ବିକାଶ କରିବା ପାଇଁ ବିଦ୍ୟାଳୟ ସ୍ତରରେ ଏକ ମୂଳ ବିଷୟ ଭାବେ ଗ୍ରହଣ କରାଯାଇଛି ।

**ସାମାଜିକ ପାଠ ଏବଂ ସାମାଜିକ ବିଜ୍ଞାନ ମଧ୍ୟରେ ଥିବା କାର୍ଯ୍ୟାତ୍ମକ ସାମଞ୍ଜସ୍ୟ ଏବଂ ପାର୍ଥକ୍ୟ :-**

ସାମାଜିକ ପାଠ ଏବଂ ସାମାଜିକ ବିଜ୍ଞାନ ହେଉଛି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱଭଳି । ସେମାନଙ୍କର ବିଭିନ୍ନ ମାଧ୍ୟମରେ ନିଜ ନିଜ ସହିତ ସାମଞ୍ଜସ୍ୟ ଥିବା ସହିତ ଅଧିକାଂଶ ସମୟରେ ସେମାନଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ସେହି ସାମଞ୍ଜସ୍ୟ ଏବଂ ପାର୍ଥକ୍ୟଗୁଡିକ ନିମ୍ନରେ ଦିଆଯାଇଛି ।

ସଂପର୍କ :-

୧. ଉଭୟ ସାମାଜିକ ବିଜ୍ଞାନ ଏବଂ ସାମାଜିକ ପାଠ ହେଉଛି ସମାନ ପ୍ରଜାତି / ଜାତିର ଫଳାଫଳ ।

୨. ଉଭୟ ଗୋଟିଏ ସାଧାରଣ ବିଷୟବସ୍ତୁ ଥିବା ଗଠନକୁ ନିଜ ଭିତରେ ବାଣ୍ଟିଛନ୍ତି ।

୩. ଉଭୟ ପୁରୁଷ / ମହିଳାଙ୍କ ମଧ୍ୟରେ ଥିବା ସଂପର୍କ ଏବଂ ସେମାନଙ୍କର ସେମାନଙ୍କ ପରିବେଶ ସହିତ ଥିବା ସଂପର୍କକୁ ପ୍ରମୁଖତା ପ୍ରଦାନ କରନ୍ତି ।

୪. ଉଭୟ ସାମାଜିକ ବିଜ୍ଞାନ ଏବଂ ସାମାଜିକ ପାଠ ସ୍ତରରେ ମାନବୀୟ ସଂପର୍କ ହେଉଛି ସାଧାରଣ ଅଭିହିତା (dominator).

୫. ଲୋକମାନେ ସେମାନଙ୍କର ମୂଳ ଆବଶ୍ୟକତା ପୂରଣ କରିବା ସେମାନଙ୍କର ଧାରଣା ଏବଂ ଭାବନାକୁ ଆଦାନ-ପ୍ରଦାନ କରିବା, ଜୀବନର ଆବଶ୍ୟକତାକୁ ଉତ୍ପାଦନ ଏବଂ ଉପଭୋଗ କରିବା ଏବଂ ଲୋକମାନଙ୍କୁ ଓ ପ୍ରାକୃତିକ ସମ୍ବଳକୁ ବିପଦରୁ ରକ୍ଷା କରିବାର ଉଦ୍ଦେଶ୍ୟ ପାଇଁ ବିଭିନ୍ନ କାର୍ଯ୍ୟକଳାପରେ ସେମାନଙ୍କର ସଂପୃକ୍ତିକୁ ଉଭୟ ଗୁରୁତ୍ୱ ଦେଇଛନ୍ତି ।

ଚିତ୍ର ୧.୧: ସାମାଜିକ ପାଠ ଏବଂ ସାମାଜିକ ବିଜ୍ଞାନ ମଧ୍ୟରେ ଥିବା କାର୍ଯ୍ୟାତ୍ମକ ସଂପର୍କକୁ ଦର୍ଶାଉଛି ।




**Fig 1.1:** ସାମାଜିକ ବିଜ୍ଞାନ ସହିତ ସାମାଜିକ ପାଠର କାର୍ଯ୍ୟାତ୍ମକ ସଂପର୍କ

**Suource** : John Jarolinek - "Social studies in Elementary educations", The Macmillan Company (1959), New York.

**ପାର୍ଥକ୍ୟ :-**



ଟିପ୍ପଣୀ

| ପାର୍ଥକ୍ୟର ପଏଣ୍ଟ୍ | ସାମାଜିକ ବିଜ୍ଞାନ | ସାମାଜିକ ପାଠ |
|---|---|---|
| ଉତ୍ପତ୍ତି | ସାମାଜିକ ବିଜ୍ଞାନ ହେଉଛି ସାମାଜିକ ପାଠର ଉତ୍ପତ୍ତି କିମ୍ବା ମୂଳ ଅନୁଶାସନ (Parent discipline). | ସାମାଜିକ ପାଠ ହେଉଛି ସାମାଜିକ ବିଜ୍ଞାନର ଫଳାଫଳ କିମ୍ବା ଉତ୍ପାଦକ । |
| ବ୍ୟାପାରର କ୍ଷେତ୍ର | ମାନବ ବ୍ୟାପାରର ତାତ୍ତ୍ୱିକ ଦିଗ ସହିତ ସଂପୃକ୍ତ । | ମାନବ ବ୍ୟାପାରର ବ୍ୟାବହାରିକ ଦିଗ ସହିତ ସଂପୃକ୍ତ । |
| ବ୍ୟାପାରର କ୍ଷେତ୍ର | ସାମାଜିକ ବିଜ୍ଞାନ ସାମାଜିକ ଉପଯୋଗିତାକୁ ଅନ୍ୱେଷଣ କରେ । | ସାମାଜିକ ପାଠ ଶିକ୍ଷା ସମ୍ବନ୍ଧୀୟ ଉପଯୋଗିତାକୁ ଅନ୍ୱେଷଣ କରେ । |
| ପ୍ରଣାଳୀ | ସାମାଜିକ ବିଜ୍ଞାନ ଗୋଟିଏ ପ୍ରୌଢ଼/ବୟସ୍କ ପ୍ରଣାଳୀକୁ ପ୍ରତିନିଧିତ୍ୱ କରିଥାଏ । | ସାମାଜିକ ପାଠ ଗୋଟିଏ ଶିଶୁ ପ୍ରଣାଳୀକୁ ପ୍ରତିନିଧିତ୍ୱ କରିଥାଏ । |
| ପ୍ରଣାଳୀ | ସାମାଜିକ ବିଜ୍ଞାନ ଆଦର୍ଶବାଦୀ ପ୍ରଣାଳୀ ଦ୍ୱାରା ଅଧ୍ୟୟନ କରାଯାଏ । | ସାମାଜିକ ପାଠ ବାସ୍ତବ ଦୃଷ୍ଟିକୋଣ ଥିବା ପ୍ରଣାଳୀ ଦ୍ୱାରା ଅଧ୍ୟୟନ କରାଯାଏ । |
| ଲକ୍ଷ୍ୟ | ସାମାଜିକ ବିଜ୍ଞାନର ଲକ୍ଷ୍ୟ ହେଉଛି ବୌଦ୍ଧିକ ଶକ୍ତି ଦିଗ୍‌ବଳୟକୁ ବୃଦ୍ଧି କରିବା ଏବଂ ଜ୍ଞାନ ଅର୍ଜନରେ ସହାୟକ ହେବା । | ସାମାଜିକ ପାଠର ଲକ୍ଷ୍ୟ ହେଉଛି ସମାଜର ବିଭିନ୍ନ ପ୍ରକାରର ବ୍ୟାବହାରିକ ସମସ୍ୟାକୁ ସମାଧାନ ପାଇଁ ଜ୍ଞାନ ଅର୍ଜନ କରିବା । |
| ମିଶ୍ରଣ | ସାମାଜିକ ବିଜ୍ଞାନ ଅଧିକ ସଂଖ୍ୟକ ଉପ-ବିଷୟଗୁଡ଼ିକ ଯଥା:- ଇତିହାସ, ରାଜନୀତି ବିଜ୍ଞାନ, ସମାଜଶାସ୍ତ୍ର, ମାନବଶାସ୍ତ୍ର, ଅର୍ଥଶାସ୍ତ୍ର ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରିଛି । | ସାମାଜିକ ପାଠ, ସମାଜିକ ବିଜ୍ଞାନର ଅଧିକ ସଂଖ୍ୟକ ଠାରୁ ଏହାର ବିଷୟ ବସ୍ତୁ ଆଣିଛି ଏବଂ ବିଦ୍ୟାଳୟ କିମ୍ବା କନିଷ୍ଠ ବିଦ୍ୟାଳୟ ସ୍ତରରେ ଅଧ୍ୟୟନ କରିବା ପାଇଁ ସେଗୁଡ଼ିକୁ ୩/୪ ମୁଖ୍ୟ ବିଷୟଭାବେ ସ୍ଥିରୀକୃତ କରିଛି (ଯଥା:- ଇତିହାସ, ଅର୍ଥନୀତି ଇତ୍ୟାଦି) । |
| ମିଶ୍ରଣର ସ୍ୱଭାବ | ସାମାଜିକ ବିଜ୍ଞାନ ବିଭିନ୍ନ ବିଷୟଗୁଡ଼ିକର ସମିଶ୍ରଣ ଯେଉଁଠାରେ ପ୍ରତ୍ୟେକ ବିଷୟର ସ୍ୱତନ୍ତ୍ର ପରିଚୟ ରହିଛି ଏବଂ ଗୋଟିଏ ବିଷୟକୁ ଅନ୍ୟ ବିଷୟଠାରୁ ନିର୍ଦ୍ଦ୍ୱନ୍ଦ୍ୱରେ ଭିନ୍ନ କରାଯାଇପାରେ । | ସାମାଜିକ ପାଠ ହେଉଛି ଏକ ମିଶ୍ରଣ ନୁହେଁ ଯୌଗିକ, ଯାହାର ସଂଯୋଗରୁ କିଛି ନୂତନତ୍ୱ ବାହାରି ଆସେ । ସାମାଜିକ ପାଠର ଅଂଶଗୁଡ଼ିକୁ ସ୍ପଷ୍ଟ ଭାବେ ଅଲଗା କରିବା କଷ୍ଟସାଧ । |

ଟିପ୍ପଣୀ

| ପାର୍ଥକ୍ୟର ପଏଣ୍ଟ୍ | ସାମାଜିକ ବିଜ୍ଞାନ | ସାମାଜିକ ପାଠ |
|---|---|---|
| ପାଠକ | ସାମାଜିକ ବିଜ୍ଞାନର ପାଠକମାନେ ସଂଖ୍ୟାରେ ବହୁତ ସ୍ୱଳ୍ପ । ସେମାନେ ସାମାଜିକ ବିଜ୍ଞାନ ଅଧ୍ୟୟନ କରନ୍ତି ଯେଉଁମାନଙ୍କର ଦକ୍ଷତା ଏବଂ ଆଗ୍ରହ ଥାଏ । | ସାମାଜିକ ପାଠର ମୁଖ୍ୟ ଲକ୍ଷ୍ୟ ହେଉଛି ନାଗରିକତା ପ୍ରସ୍ତୁତି । ତେଣୁ ସମସ୍ତେ ଏହାକୁ ଅଧ୍ୟୟନ କରିଥାନ୍ତି । |
| ଅଧ୍ୟୟନର ସ୍ତର | ସାମାଜିକ ବିଜ୍ଞାନ ମାନବ ସମାଜର ଉଚ୍ଚସ୍ତରୀୟ ଅଧ୍ୟୟନ କରିଥାଏ । ଏହା ସାଧାରଣତଃ ଉଚ୍ଚବିଦ୍ୟାଳୟ/ ବିଶ୍ୱବିଦ୍ୟାଳୟ ସ୍ତରରେ ଅଧ୍ୟୟନ କରାଯାଏ । | ସାମାଜିକ ପାଠ ହେଉଛି ସାମାଜିକ ବିଜ୍ଞାନର ସରଳୀକୃତ ଦିଗ ଯେଉଁଟା ସାଧାରଣତଃ ବିଦ୍ୟାଳୟ କିମ୍ବା କନିଷ୍ଠ ବିଦ୍ୟାଳୟ ସ୍ତରରେ ଅଧ୍ୟୟନ କରାଯାଏ । |
| ପରିସର | ପ୍ରତ୍ୟେକ ସାମାଜିକ ବିଜ୍ଞାନ ବିଷୟଗୁଡ଼ିକର ପରିସର ଏହାର ନିଜର କ୍ଷେତ୍ର ଭିତରେ ସୀମିତ ଥାଏ । ଉଦାହରଣ - ଅର୍ଥନୀତି ଏପରି କାର୍ଯ୍ୟକଳାପ ସହିତ ସଂପର୍କିତ ଯେଉଁଟା ଅର୍ଥନୈତିକ କ୍ଷେତ୍ରକୁ ସ୍ପର୍ଶ କରିଥାଏ । | ଗୋଟିଏ ଯୌଗିକ ଢଙ୍ଗରେ ମାନବ ସାମାଜିକ ଜୀବନର ସମସ୍ତ ଦିଗକୁ ସାମାଜିକ ପାଠ ସ୍ପର୍ଶ କରିଥାଏ । |
| ପରିସର | ସାମାଜିକ ବିଜ୍ଞାନର ବିଶାଳ ପରିସର ଅଛି ଯେହେତୁ ଏହା ବହୁସଂଖ୍ୟକ ବିଷୟଗୁଡ଼ିକୁ ସଂପୃକ୍ତ କରିଛି । | ସାମାଜିକ ପାଠ ହେଉଛି ସାମାଜିକ ବିଜ୍ଞାନର ଏକ ଅଂଶ । ତେଣୁ ଏହା ସାମାଜିକ ବିଜ୍ଞାନଠାରୁ ସଂକୀର୍ଣ୍ଣ । |
| ଜଟିଳତା | ସାମାଜିକ ବିଜ୍ଞାନ ହେଉଛି ସାମାଜିକ ଘଟଣାବଳୀର ଜଟିଳ ଅଧ୍ୟୟନ । | ବିଦ୍ୟାଳୟ ଏବଂ କନିଷ୍ଠ ବିଦ୍ୟାଳୟର ପିଲାମାନଙ୍କୁ ପଢାଯାଉଥିବା ସାମାଜିକ ପାଠ ହେଉଛି ସାମାଜିକ ବିଜ୍ଞାନର ସରଳୀକୃତ ଦିଗ । |

**୧.୨.୩. ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମରେ ସାମାଜିକ ବିଜ୍ଞାନ :-**

ସମ୍ପ୍ରତି ବିଶ୍ୱର ଅଧିକାଂଶ ଦେଶର ବିଦ୍ୟାଳୟ ପାଠ୍ୟକ୍ରମରେ ସାମାଜିକ ବିଜ୍ଞାନ ଏକ ଅଂଶ ଭାବେ ବିବେଚିତ । ଭାରତରେ ବର୍ତ୍ତମାନ ବିଦ୍ୟାଳୟ ପାଠ୍ୟକ୍ରମରେ ସାମାଜିକ ବିଜ୍ଞାନର ସ୍ଥିତିକୁ ଆମେ ବର୍ଣ୍ଣନା କରିବା । ଭାରତରେ ନିମ୍ନ ପ୍ରାଥମିକ ବିଦ୍ୟାଳୟ ସ୍ତର (ଯଥା - Class I to V) ରେ ସାମାଜିକ ବିଜ୍ଞାନ, ପରିବେଶ ବିଜ୍ଞାନ ପାଠ୍ୟକ୍ରମ କିମ୍ବା ପରିବେଶ ଅଧ୍ୟୟର ଏକ ଅଂଶ ଭାବେ ଶିକ୍ଷାର୍ଥୀମାନଙ୍କୁ ପଢାଯାଉଛି । ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତର (ଯଥା - Class VI to VIII) ଏବଂ ମାଧ୍ୟମିକ ବିଦ୍ୟାଳୟ ସ୍ତର (ଯଥା - Class IX to X) ରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଏକ ମୁଖ୍ୟ ମିଶ୍ର ଶିକ୍ଷା ସମ୍ବନ୍ଧୀୟ କ୍ଷେତ୍ର ଭାବେ ଶିକ୍ଷାର୍ଥୀମାନଙ୍କୁ ପଢାଯାଉଛି ଏବଂ ଏହି ପାଠ୍ୟକ୍ରମର କ୍ଷେତ୍ରକୁ 'ସାମାଜିକ ପାଠ' କିମ୍ବା 'ସାମାଜିକ ବିଜ୍ଞାନ' ବୋଲି କୁହାଯାଏ । ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ସାଧାରଣତଃ ୩-୪ ଟି ଶିକ୍ଷା ସମ୍ବନ୍ଧୀୟ ବିଷୟ/ ଉପାଦାନ (ଉଦାହରଣ - ଇତିହାସ, ଭୂଗୋଳ ଇତ୍ୟାଦି) ସାମାଜିକ ବିଜ୍ଞାନ / ସାମାଜିକ ପାଠ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ

କରାଯାଇଛି । ଏହି ଏକକର ଶେଷ ଅଂଶରେ ତୁମେ ବିଦ୍ୟାଳୟ ସ୍ତର ସାମାଜିକ ବିଜ୍ଞାନର ଶିକ୍ଷା ସମ୍ବନ୍ଧୀୟ ବିଷୟ/ ଉପାଦାନଗୁଡିକ ବିଷୟରେ ସବିଶେଷ ତଥ୍ୟ ପାଇପାରିବ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ (ଯଥା - Class XI and XII) ବିଭିନ୍ନ ସାମାଜିକ ବିଜ୍ଞାନ ବିଷୟଗୁଡିକ ଯଥା ରାଜନୀତି ବିଜ୍ଞାନ, ମାନବଶାସ୍ତ୍ର, ଅର୍ଥନୀତି, ମନୋବିଜ୍ଞାନ ଇତ୍ୟାଦି ଶିକ୍ଷାର୍ଥୀମାନଙ୍କୁ ଇଚ୍ଛାଧୀନ/ ବିଶେଷ ବିଷୟଭାବେ ପଢାଯାଏ ।

ଟିପ୍ପଣୀ

ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ସ୍ତରରେ ସାମାଜିକ ବିଜ୍ଞାନ ଏବଂ ସାମାଜିକ ପାଠ ବହୁଳ ମାତ୍ରାରେ ଅଦଳବଦଳ କରି ବ୍ୟବହାର କରାଯାଏ । ଉଦାହରଣ :- NCF (2005 , P-53) ଉଚ୍ଚ ପ୍ରାଥମିକ ସ୍ତରର ପାଠ୍ୟକ୍ରମରେ "ସାମାଜିକ ପାଠ" ଶବ୍ଦକୁ ବ୍ୟବହାର କରିଥିଲା ବେଳେ Position Paper - Nation Focus Group on Teaching Social Science (2006, P-5) ଉଚ୍ଚ ପ୍ରାଥମିକ ସ୍ତରର ପାଠ୍ୟକ୍ରମରେ "ସାମାଜିକ ବିଜ୍ଞାନ"କୁ ଏକ ପ୍ରସଙ୍ଗ ରୂପେ ବ୍ୟବହାର କରିଛି । NCERT ଦ୍ୱାରା ପ୍ରକାଶିତ CBSE ପାଠ୍ୟକ୍ରମର ଉଚ୍ଚ ପ୍ରାଥମିକ ସ୍ତରରେ "ଇତିହାସ", "ଭୂଗୋଳ" ଏବଂ "ସାମାଜିକ ଏବଂ ରାଜନୈତିକ ଜୀବନ" ପାଠ୍ୟ ପୁସ୍ତକରେ "ସାମାଜିକ ବିଜ୍ଞାନ"କୁ ବ୍ୟବହାର କରାଯାଇଛି । ପଦ "ସାମାଜିକ ପାଠ" କିମ୍ବା "ସାମାଜିକ ବିଜ୍ଞାନ" ଯାହା କିଛିର ବ୍ୟବହାର ହେଉନା କାହିଁକି ସାମାଜିକ ପାଠ କିମ୍ବା ସାମାଜିକ ବିଜ୍ଞାନ ଶିକ୍ଷଣ - ଶିକ୍ଷାଦାନର ଗୁରୁତ୍ୱ ଶିକ୍ଷାର ସ୍ତର ଅନୁସାରେ ପରିବର୍ତ୍ତନ କରାଯାଇଥାଏ । ବିଦ୍ୟାଳୟ ସ୍ତରରେ ସାମାଜିକ ପାଠ / ସାମାଜିକ ବିଜ୍ଞାନର ପ୍ରଚାଳନ ଯେଉଁ ସବୁ ବିଷୟକୁ ଗୁରୁତ୍ୱ ଦେଇଥାଏ ତାହା ଉଚ୍ଚତର ଶିକ୍ଷା ସ୍ତରର ସାମାଜିକ ବିଜ୍ଞାନର ଶିକ୍ଷଣ ଠାରୁ ଭିନ୍ନ । ଉଚ୍ଚ ପ୍ରାଥମିକ / ପ୍ରାଥମିକ ବିଦ୍ୟାଳୟ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷଣର ସାଧାରଣ ଲକ୍ଷ୍ୟଗୁଡିକ ନିମ୍ନରେ ଦିଆଯାଇଛି:-

୧. ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଭୌଗୋଳିକ, ସାମାଜିକ ଏବଂ ସାଂସ୍କୃତିକ ପରିବେଶ ସହିତ ପରିଚିତ କରାଇବା ।

୨. ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସାମାଜିକ କାର୍ଯ୍ୟ ଦକ୍ଷତା ଏବଂ ସାମାଜିକ ପ୍ରତିଶ୍ରୁତିବଦ୍ଧତାର ତାତ୍ପର୍ଯ୍ୟକୁ ବିକାଶ କରିବା ।

୩. ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ନାଗରିକତା ଗୁଣାବଳୀ (democractic citizenship qualities) କୁ ବିକଶିତ କରିବା ।

୪. ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଦେଶାତ୍ମବୋଧକ, ରାଷ୍ଟ୍ରୀୟଭାବନା ଏବଂ ଆନ୍ତର୍ଜାତିକ ବୁଝାମଣା ଭାବର ବିକାଶ କରିବା ।

୫. ସାମାଜିକ-ଅର୍ଥନୈତିକ ଅନୁଷ୍ଠାନରେ ଅଂଶଗ୍ରହଣ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବା ।

୬. ବର୍ତ୍ତମାନ ଏବଂ ଆଗାମୀ ସାମାଜିକ ସମସ୍ୟା ଏବଂ ଆହ୍ୱାନଗୁଡିକୁ ସମାଧାନ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ତାଲିମ ଦେବା ।

୭. ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ, ଆବେଗିକ ଗୁଣାବଳୀ ଏବଂ ଅପନାପନ/ ଆପଣାପଣିଆ (belongingness) ବୋଧଶକ୍ତିର ବିକାଶ କରିବା ।

ଉଚ୍ଚ ପ୍ରାଥମିକ ସ୍ତରର ସାମାଜିକ ବିଜ୍ଞାନର ଶିକ୍ଷାଦାନ ପ୍ରସଙ୍ଗରେ "National Focus Group on Teaching Social Science (2006)" ର ମନ୍ତବ୍ୟ :-

ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷାଦାନର ଉଦ୍ଦେଶ୍ୟ :

- ପୃଥିବୀ ହେଉଛି ମାନବ ଜାତି ଏବଂ ଅନ୍ୟ ଜୀବନ୍ତ ପ୍ରାଣୀ ଓ ଅନ୍ୟ ସଜୀବଙ୍କ ପାଇଁ ପ୍ରାକୃତିକ ବାସ ସଂକ୍ରାନ୍ତ ବୁଝାମଣା / ବୋଧଶକ୍ତିର ବିକାଶ କରିବା ।
- ଶିକ୍ଷାର୍ଥୀମାନଙ୍କର ନିଜସ୍ୱ ଧର୍ମ, ରାଜ୍ୟ ଏବଂ ବିଶ୍ୱ ପ୍ରସଙ୍ଗରେ ଦେଶର ଅଧ୍ୟୟନ ଆରମ୍ଭ କରିବା ପାଇଁ ପ୍ରବର୍ତ୍ତାଇବା ।

ଟିପ୍ପଣୀ

- ବିଶ୍ୱର ଅନ୍ୟ ଦେଶଗୁଡିକର ସମସାମୟିକ ବିକାଶ ସହିତ ଭାରତର ଅତୀତକୁ ଅଧ୍ୟୟନ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରବର୍ତ୍ତାଇବା ।
- ଦେଶର ପ୍ରକ୍ରିୟା ଏବଂ ସାମାଜିକ ଓ ରାଜନୈତିକ ଅନୁଷ୍ଠାନର ଗତିଶୀଳତା ଏବଂ କାର୍ଯ୍ୟ ସହିତ ଶିକ୍ଷାର୍ଥୀମାନଙ୍କୁ ପରିଚିତ କରାଇବା ।

ଏହି ସ୍ତରରେ, ସାମାଜିକ ବିଜ୍ଞାନ ବିଷୟ ପରିସର - (ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତି ଠାରୁ ସେମାନଙ୍କର ବିଷୟବସ୍ତୁକୁ ଆଣିବା) ସହିତ ପରିଚିତ ହେବା । ସମକାଳୀନ ପ୍ରସଙ୍ଗ (Contemporary issues) ଏବଂ ସମସ୍ୟାଗୁଡିକୁ ଏକ ସମୟରେ ପିଲାମାନେ ପରିଚିତ ହୋଇପାରିବେ । ସମସ୍ୟା ଯଥା - ଗରିବୀ, ଅଶିକ୍ଷିତ, ଶିଶୁ ଶ୍ରମିକ ଏବଂ ଚୁକ୍ତିବଦ୍ଧ ଶ୍ରମିକ, ଶ୍ରେଣୀ, ଜାତି, ଲିଙ୍ଗ ଏବଂ ପରିବେଶ ଇତ୍ୟାଦି ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି । ଭୂଗୋଳ ଏବଂ ଅର୍ଥନୀତି ଉଭୟ ପରିବେଶ, ସମ୍ବଳ ଏବଂ ବିଭିନ୍ନ ସ୍ତରରେ ବିକାଶ, ସ୍ଥାନୀୟରୁ ବିଶ୍ୱ ସଂପୃକ୍ତ ପ୍ରଚାଳନକୁ ସଂପର୍କ କରି ଗୋଟିଏ ଉପଯୁକ୍ତ ପରିପ୍ରେକ୍ଷଣର ବିକାଶ କରିବାରେ ସାହାଯ୍ୟ କରିଥାଏ । ସେହିପରି, ଇତିହାସ ଏକାଧିକତ୍ୱର ଧାରଣାକୁ ଗୁରୁତ୍ୱ ଦେବା ପାଇଁ ପଠନ/ ଅଧ୍ୟୟନ କରାଯାଏ । ସ୍ଥାନୀୟ, ରାଜ୍ୟ ଏବଂ କେନ୍ଦ୍ରୀୟ ସ୍ତର ଏବଂ ସହଭାଗୀତାର ଗାଣତନ୍ତ୍ରିକ ପ୍ରକ୍ରିୟାରେ ସରକାରଙ୍କର ସଂଗଠନ ଏବଂ କାର୍ଯ୍ୟ ସହିତ ପିଲାମାନଙ୍କୁ ପରିଚିତ କରାଯିବ ।

**ନିଜ ଅଗ୍ରଗତି ଆକଳନ -୧**

ଟିପ୍ପଣୀ: ନିମ୍ନରେ ଦିଆଯାଇଥିବା ସ୍ଥାନରେ ତୁମେ ତୁମର ଉତ୍ତର ଲେଖ ଏବଂ ଏକକ ଶେଷରେ ଦିଆଯାଇଥିବା ଆଦର୍ଶ ଉତ୍ତର ସହିତ ତୁମ ଉତ୍ତରର ତୁଳନା କର ।

ପ୍ରଶ୍ନ: National Focus Group on Teaching Social Sciences (2006) ଅନୁସାରେ ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷାଦାନର ଉଦ୍ଦେଶ୍ୟଗୁଡିକ କ'ଣ ?

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

## ୧.୩ ସାମାଜିକ ବିଜ୍ଞାନ : ଅତୀତରୁ ବର୍ତ୍ତମାନ:-

ଏହ ସତ୍ୟ ଯେ, ସାମାଜିକ ବିଜ୍ଞାନର ଶିକ୍ଷଣ ଏକ ନୂତନ ବିଷୟ ନୁହେଁ । ବିଶ୍ୱରେ ସଭ୍ୟତା ଉତ୍ପତ୍ତିର ପ୍ରଥମ ଦିନରୁ ସାମାଜିକ ବିଜ୍ଞାନର ଶିକ୍ଷଣକୁ ଶିକ୍ଷା ବ୍ୟବସ୍ଥାର ଏକ ଅଂଶ ଭାବେ ପରିଗଣିତ କରାଯାଇଛି । ବର୍ତ୍ତମାନ ଆମେ ଦେଖିବା କିପରି ସାମାଜିକ ବିଜ୍ଞାନ ବର୍ଷବର୍ଷ ଧରି ତାର ପ୍ରଗତିର ପଥ ଅତିକ୍ରମ କରିଆସିଛି ।

### ୧.୩.୧ ପୂର୍ବ ଆଧୁନିକ ବିଶ୍ୱରେ ସାମାଜିକ ବିଜ୍ଞାନ :-

୧୮/୧୯ ଶତାବ୍ଦୀ ବେଳକୁ ଆଧୁନିକ ବିଶ୍ୱ ଆରମ୍ଭ ହେଲା । ପୂର୍ବ ଆଧୁନିକ ବର୍ଷ ବିଶ୍ୱରେ ମାନବ ସମାଜର ସୃଷ୍ଟି ଠାରୁ ୧୭/୧୮ ଶତାବ୍ଦୀ ପର୍ଯ୍ୟନ୍ତ ଗୋଟିଏ ସୁଦୀର୍ଘ ସମୟ ଅତିକ୍ରମ କରିଛି । ପୂର୍ବ ଆଧୁନିକ ବିଶ୍ୱ ମାନବ ସଭ୍ୟତା ଶିକାର ପାଇଁ ସମାବେଶ (hunting gathering) ଯୁଗ, (Pastoral nomadic age), (Stone age) ପ୍ରସ୍ତର ଯୁଗ, ଲୌହଯୁଗ, ନଦୀ ଉପତ୍ୟକା ସଭ୍ୟତା ଏବଂ ମଧ୍ୟଯୁଗୀୟରୁ ୧୮/୧୯ ଶତାବ୍ଦୀ ପର୍ଯ୍ୟନ୍ତ ଅଧିକାଂଶ ପର୍ଯ୍ୟାୟଦେଇ ବିସ୍ତାରିତ ହୋଇଛି। ବିଶ୍ୱରେ ଯେଉଁଦିନଠାରୁ ମାନବଜାତି ସେମାନଙ୍କର ପାଦ

ରଖିଛନ୍ତି ଏବଂ ପରିବାର/ ସମାଜ ପ୍ରତିଷ୍ଠା କରିଛନ୍ତି, ସେମାନଙ୍କ ପାଇଁ ସମାଜ/ ସାମାଜିକ ବ୍ୟବସ୍ଥାକୁ ବୁଝିବା ଆବଶ୍ୟକ ହୋଇପଡିଛି । ସେଥିପାଇଁ ସାମାଜିକ ବିଜ୍ଞାନ ଶିକ୍ଷଣର ଆବଶ୍ୟକତା ଅଛି । ସେହି ଦିନଗୁଡିକରେ, ସାମାଜିକ ବିଜ୍ଞାନର ଶିକ୍ଷଣ ଅନୌପଚାରିକ ଏବଂ ଅସାଂଗଠନିକ ଥିଲା । ସମୟକ୍ରମେ, ମାନବ ସମାଜ ଜଟିଳ ଏବଂ ସାମାଜିକ ଚାହିଦା, ଆହ୍ୱାନ ବହୁଗୁଣିତ ହେବାରୁ ସେହି ଅନୁସାରେ ସାମାଜିକ ବିଜ୍ଞାନର ଅଧ୍ୟୟନ ଆବଶ୍ୟକ ହୋଇପଡିଲା ।

ଟିପ୍ପଣୀ

ଅତୀତ ଏବଂ ମଧ୍ୟଯୁଗୀୟ ବିଶ୍ୱରେ, ଆଧୁନିକ ବିଶ୍ୱ ତୁଳନାରେ ସାମାଜିକ ବିଜ୍ଞାନ ସ୍ୱଳ୍ପ ପ୍ରାସଙ୍ଗିକ ଥିଲା । ସକ୍ରେଟିସ୍, ପ୍ଲାଟୋ, ଆରିଷ୍ଟଟଲ୍ ଏବଂ ଅତୀତ ବିଶ୍ୱର ଅଧିକାଂଶ ବୁଦ୍ଧିଜୀବୀମାନଙ୍କର ସାମାଜିକ ବିଜ୍ଞାନ ପାଇଁ ଅବଦାନ ଥିଲା । ପ୍ଲାଟୋଙ୍କର "Republic" ଏବଂ ଆରିଷ୍ଟଟଲଙ୍କର "Politics" ସାମାଜିକ ବିଜ୍ଞାନର କ୍ଷେତ୍ର ପାଇଁ ଏକ ସ୍ମରଣୀୟ କାର୍ଯ୍ୟ ଥିଲା । ସାମାଜିକ ବିଜ୍ଞାନର ଶିକ୍ଷଣ / ଧାରଣା ଗ୍ରୀକ୍‌ର ନାଗରୀୟ ଶପଥ (ciric oath of the Greeks) ଅଙ୍ଗୀଭୂତ ହୋଇଥିଲା । ଯେତେବେଳେ ସେମାନେ ପୂର୍ଣ୍ଣ ବିକାଶର ଯୋଗ୍ୟତା ଉପରେ ନାଗରିକତାର ସ୍ୱୀକୃତି ପାଇଥିଲେ ସେମାନେ ଔପଚାରିକ ଅନୁଷ୍ଠାନରେ ଶପଥ ଗ୍ରହଣ କରୁଥିଲେ । ଆମେ କୌଣସି ଅସାଧୁ କିମ୍ବା ଭୀରୁତା କାର୍ଯ୍ୟ କରି ଆମର ସହରକୁ ଅପମାନିତ କରିବା ନାହିଁ କିମ୍ବା ଆମର ଦୁଃଖ-ଭୋଗୀ ସାଥୀକୁ ତ୍ୟାଗ/ ବହିଷ୍କାର କରିବା ନାହିଁ । ଆମେ ନଗର / ସହରର ପବିତ୍ର ଜିନିଷ ଏବଂ ଆଦର୍ଶ ପାଇଁ ସଂଘର୍ଷ କରିବା ଏବଂ ଏହା ସହିତ ଆମେ ସହରର ନିୟମକୁ ମାନିବା ସହିତ ସମ୍ମାନ ଦେବା ଏବଂ ଆମର ଉତ୍ତମ ଯୋଗଦାନ ଦେବା ପାଇଁ ଚେଷ୍ଟା କରିବା । ଆମେ ନାଗରୀୟ ଭାବନାର ଜନତାବୋଧକୁ ତ୍ୱରାନ୍ୱିତ କରିବା ପାଇଁ ଅବିରତ ପ୍ରୟାସ କରିବା । ତେଣୁ ଏହି ସବୁ ମାଧ୍ୟମ ଦ୍ୱାରା ଆମେ ସହର / ନଗରକୁ ପ୍ରସାରିତ କରିପାରିବା, କିଛି ମାତ୍ରାରେ ନୁହେଁ ବରଂ ଅଧିକ ଉତ୍ତମ, ଅଧିକ ସୁନ୍ଦର କରିବା ଯାହା ଆମକୁ ପ୍ରସାରିତ ହୋଇଥିଲା । ମଧ୍ୟଯୁଗୀୟ ଏବଂ ପ୍ରାକ୍ ଆଧୁନିକ ବିଶ୍ୱରେ, ସାମାଜିକ ମୂଲ୍ୟବୋଧର ସଂପାଦନ ପାଇଁ ଅଧିକ ସଂଖ୍ୟକ ବିଷୟଗୁଡିକୁ ସଂଶ୍ଳିଷ୍ଟ କରାଯାଇଛି । ସେହି ସାମାଜିକ ମୂଲ୍ୟବୋଧ ଯଥା -ଧାର୍ମିକ ଅଧ୍ୟୟନ, ଅର୍ଥନୀତି ଏବଂ ବ୍ୟବସାୟ ଅଧ୍ୟୟନ, ରାଜ୍ୟ ବ୍ୟାପାରର ଅଧ୍ୟୟନ ଇତ୍ୟାଦି ଶିକ୍ଷା ବ୍ୟବସ୍ଥାର ଏକ ଅଂଶ ହୋଇଛି ।

### ୧.୩.୨ ଆଧୁନିକ ଏବଂ ସାମ୍ପ୍ରତିକ ବିଶ୍ୱରେ ସାମାଜିକ ବିଜ୍ଞାନ

ଏହି ଏକକ ପୂର୍ବବର୍ତ୍ତୀ ପରିଚ୍ଛେଦରେ ସାମାଜିକ ବିଜ୍ଞାନର ଉତ୍ପତ୍ତିକୁ ଆଧୁନିକ ଯୁଗରେ ଔପଚାରିକ ଅନୁଶାସନ ଭାବରେ ଆଲୋଚନା କରାଯାଇଛି । ସମାଜର ସ୍ୱଭାବ ଏବଂ ସମୟ ଅନୁସାରେ ସାମାଜିକ ବିଜ୍ଞାନର ଶିକ୍ଷଣ ଅଧିକ ଔପଚାରିକ ଓ ପ୍ରଣାଳୀବଦ୍ଧ ହୋଇଛି । ସମୟ କ୍ରମେ ଆଧୁନିକ ଯୁଗରେ ଯେହେତୁ ନୂତନ ସାମାଜିକ ସମସ୍ୟା ସୃଷ୍ଟି ହେଉଛି, ସେହି ଅନୁସାରେ ନୂତନ ସାମାଜିକ ବିଜ୍ଞାନ ସେହି ସମସ୍ୟାଗୁଡିକୁ ସମାଧାନ କରିବାପାଇଁ ଦୃଶ୍ୟମାନ ହୋଇଛି । ଏହି ଏକକର ପୂର୍ବବର୍ତ୍ତୀ ପରିଚ୍ଛେଦରେ ଉଲ୍ଲେଖ କରାଯାଇଥିଲା କି ଅଷ୍ଟାଦଶ ଶତାବ୍ଦର ସାମାଜିକ ବିଜ୍ଞାନକୁ ଉଚ୍ଚ ଶିକ୍ଷା / ମହାବିଦ୍ୟାଳୟ ପାଠ୍ୟକ୍ରମର ଔପଚାରିକ ଅଂଶ ଭାବେ ଗ୍ରହଣ କରାଯାଇଛି ଏବଂ 20th ଶତାବ୍ଦୀ ଠାରୁ ବିଦ୍ୟାଳୟ ପାଠ୍ୟକ୍ରମରେ ଏହାକୁ ମଧ୍ୟ ଔପଚାରିକ ଉପାଦାନ ଭାବେ ଗ୍ରହଣ କରାଯାଇଛି । ସାଧାରଣତଃ ୨ଟି ବିଶ୍ୱ ଯୁଦ୍ଧ ପରେ, ବିଶ୍ୱର ଅଧିକାଂଶ ଦେଶରେ ସାମାଜିକ ବିଜ୍ଞାନ ବିଦ୍ୟାଳୟ ପାଠ୍ୟକ୍ରମରେ ଗୋଟିଏ ମୁଖ୍ୟ / ଗୁରୁତ୍ୱପୂର୍ଣ୍ଣ ବିଷୟ ଭାବେ ସ୍ଥାନ ପାଇଛି । ବିଶ୍ୱ ଯୁଦ୍ଧ ପରେ, ଶିକ୍ଷା ସମ୍ପର୍କିତ ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥା ଯଥା UNESCO, UNICEF, UNDP, UNO ଇତ୍ୟାଦି ବିଶ୍ୱର ଲୋକମାନଙ୍କ ମଧ୍ୟରେ ସୁସ୍ଥ ସାମାଜିକ ଜୀବନଯାପନ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବାପାଇଁ ଇଚ୍ଛା କଲେ, ଯାହା ସିଧାସଳଖ ଭାବେ ସାମାଜିକ ବିଜ୍ଞାନର ଶିକ୍ଷଣକୁ ଗୁରୁତ୍ୱ ଦେଇଛି । United Nation ଦ୍ୱାରା ଅଙ୍ଗୀକୃତ କରାଯାଇଥିବା Art -1 Universal Declaration of Human Rights (1948) ବ୍ୟକ୍ତ କରେ ଯେ : – "ସମସ୍ତ ମାନବଙ୍କର ଜନ୍ମଗତ ସ୍ୱାଧୀନତା ଏବଂ ମର୍ଯ୍ୟାଦା ଓ ଅଧିକାର ସମାନ । ସେମାନେ କାରଣ ଓ ନୈତିକତା (reason and conscience) ସହିତ ସଂପୃକ୍ତ ଏବଂ ଭ୍ରାତୃଭାବର ଭାବନାରେ ଜଣେ ଅନ୍ୟଜଣଙ୍କ ସହିତ ଜଡିତ ହୋଇ କାର୍ଯ୍ୟ କରିବେ ।" Delores commission(1996) ଏକାଠି ବାସ କରିବାର ଶିକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ଏକାଠି ବସବାସର ସୁସଂଗତାର ସଦ୍‌ଗୁଣ ପାଇଁ ପ୍ରୋତ୍ସାହନ ଏବଂ ଆଧୁନିକ ବିଶ୍ୱର ବିବିଧ ସାମାଜିକ –

ଟିପ୍ପଣୀ

ସାଂସ୍କୃତିକ ସମସ୍ୟାରୁ ସମାଧାନ କରିବାପାଇଁ, ସାମାଜିକ ବିଜ୍ଞାନକୁ ଆଧୁନିକ ବିଶ୍ୱରେ ଔପଚାରିକ ଏବଂ ଅନୌପଚାରିକ ଶିକ୍ଷାର ଏକ ଅଂଶ ଭାବେ ପ୍ରାଧାନ୍ୟ ଦିଆଯାଇଛି । ସାମ୍ପ୍ରତିକ ବିଶ୍ୱର ଦେଶ ରାଜ୍ୟଗୁଡିକର ସୃଷ୍ଟି ଦେଶୀୟ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଶାସନ ନୀତିର ଗଣତାନ୍ତ୍ରିକ ଏବଂ ସମାଜବାଦୀ ଆଦର୍ଶର ଅଭ୍ୟାସ ଏବଂ ଉଭୟ ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ସାମାଜିକ ବିଜ୍ଞାନର ଶିକ୍ଷଣକୁ ଅତ୍ୟାବଶ୍ୟକ କରିଦେଇଛି କାରଣ ସାମାଜିକ ବିଜ୍ଞାନ ଦେଶ ରାଜ୍ୟଗୁଡିକରେ ଗଣତାନ୍ତ୍ରିକ ଏବଂ ସମାଜବାଦୀ ଶାସନ ନୀତିର ଅଭ୍ୟାସ ପାଇଁ ଉପଯୁକ୍ତ ନାଗରିକ ସୃଷ୍ଟିର ଦାୟିତ୍ୱ ବହନ କରିପାରିବ ।

### ୧.୩.୩ ସାମାଜିକ ବିଜ୍ଞାନର ଭାରତୀୟ ପରିପ୍ରେକ୍ଷଣ: ଅତୀତରୁ ବର୍ତ୍ତମାନ

ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ସାମାଜିକ ବିଜ୍ଞାନ ଭାରତୀୟ ଶିକ୍ଷା ବ୍ୟବସ୍ଥାର ଏକ ଅଂଶ ଭାବେ ରହିଆସିଛି । ଅତୀତରୁ ବଞ୍ଚିରହିଥିବା ଏବଂ ସଜୀବମାନଙ୍କ ନୈତିକତା,ଆଧ୍ୟାତ୍ମିକତା, ସାମାଜିକ ମୂଲ୍ୟବୋଧ ଏବଂ ପ୍ରବଣତା ଇତ୍ୟାଦି ଭାରତୀୟ ଦର୍ଶନର ପଥ ପ୍ରଦର୍ଶନ କରିଥାନ୍ତି । ସାମାଜିକ ମୂଲ୍ୟବୋଧକୁ ପ୍ରାଗ୍- ଐତିହାସିକ / ପ୍ରାରମ୍ଭିକ - ଐତିହାସିକ ଯୁଗର ଭାରତୀୟ ଧର୍ମଗ୍ରନ୍ଥ ଯଥା- ବେଦ, ଉପନିଷଦ, ସ୍ମୃତି, ପୁରାଣ, ରାମାୟଣ, ମହାଭାରତ ଇତ୍ୟାଦି **ସୁସ୍ଥ ଜୀବିତ** ନିୟମ ବହନ କରିଛନ୍ତି । କୌଟିଲ୍ୟଙ୍କର ଅର୍ଥଶାସ୍ତ୍ର, ବିଷ୍ଣୁ ଶର୍ମାଙ୍କର ପଞ୍ଚତନ୍ତ୍ର ଇତ୍ୟାଦି ହେଉଛି କେତେକ ଅତୀତ ଭାରତୀୟ ରଚନା ବା ବହି ଯେଉଁଗୁଡିକ ସାମାଜିକ ବିଜ୍ଞାନର ମତବାଦ ଏବଂ ନିୟମ ସହିତ ସଂପର୍କିତ । ପ୍ରାକ୍-ମଧ୍ୟଯୁଗୀୟ ଏବଂ ମଧ୍ୟଯୁଗୀୟ ସାକ୍ଷରତା ଐତିହ୍ୟ ଯଥା ବୌଦ୍ଧ ଧର୍ମର ପୁସ୍ତକ, ଜୈନ ବହି, ଇସଲାମୀୟ ବହି, ଭକ୍ତି ବହି ଇତ୍ୟାଦି ସାମାଜିକ ଏବଂ ସାଂସ୍କୃତିକ ମୂଲ୍ୟବୋଧ ଏବଂ ଐତିହ୍ୟ ବହି/ପୁସ୍ତକ ଭାବେ ଗ୍ରହଣ କରାଯାଇଛି । ଏହି ସମସ୍ତ ବିଷୟବସ୍ତୁ ଅନୁସାରେ, ଆମେ ଅତୀତ ଏବଂ ମଧ୍ୟଯୁଗୀୟ ସମୟରେ ସାମାଜିକ ବିଜ୍ଞାନକୁ ଭାରତୀୟ ଶିକ୍ଷା ଏବଂ ସଂସ୍କୃତି ବ୍ୟବସ୍ଥାର ଏକ ଅଂଶ ବୋଲି କହିପାରିବା । କିନ୍ତୁ ସାମାଜିକ ବିଜ୍ଞାନ ୧୮/୧୯ ଶତାବ୍ଦୀ ଠାରୁ ଭାରତୀୟ ଉଚ୍ଚ / ମହାବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ଏକ ଔପଚାରିକ ଅଂଶ ଭାବେ ସୁବିଖ୍ୟାତ ଏବଂ ଗାନ୍ଧିଜୀଙ୍କର ମୌଳିକ ଶିକ୍ଷା ନିରୂପଣ ଠାରୁ ଭାରତୀୟ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ମଧ୍ୟ ଏହା ଏକ ଔପଚାରିକ ଅଂଶ ହୋଇଛି । ଆମ ବିଦ୍ୟାଳୟ ସ୍ତର ସାମାଜିକ ବିଜ୍ଞାନ ସମୟକ୍ରମେ କିପରି ଯୋଜନା ଏବଂ ନୀତିନିୟମ ଦ୍ୱାରା ପରିଚାଳିତ ହେଉଛି ଆମେ ନିମ୍ନରେ ତାହାକୁ ପର୍ଯ୍ୟବେକ୍ଷଣ କରିବା ।

ମାଧ୍ୟମିକ ଶିକ୍ଷା କମିଶନ୍(୧୯୫୨-୫୩) ମନ୍ତବ୍ୟ:- (The Secondary Education commission(1952-53):-

"ସାମାଜିକ ପାଠ ଗୋଟିଏ ଶବ୍ଦ, ଭାରତୀୟ ଶିକ୍ଷାରେ ତୁଳନାତ୍ମକ ଭାବେ ନୂତନ ଅଟେ । ଏହାର ଲକ୍ଷ୍ୟ ହେଉଛି ଇତିହାସ, ଭୂଗୋଳ, ଅର୍ଥନୀତି, ନଗର ବିଜ୍ଞାନ ଇତ୍ୟାଦି ସହିତ ପରମ୍ପରାଗତ ଭାବରେ ସଂପୃକ୍ତ ଭୂପୃଷ୍ଠକୁ ବ୍ୟାପ୍ତ ହେବା । ସେଥିପାଇଁ ଏହି ସମସ୍ତ ପ୍ରକାରର ପାଠ ସମଗ୍ରକୁ ନିବିଡ଼ ଭାବେ ବାନ୍ଧି ରଖିଲା ଭଳି ଦୃଶ୍ୟମାନ ହୁଏ ଯାହାର ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ ସେମାନଙ୍କର ସାମାଜିକ ପରିବେଶ ଯଥା- ପରିବାର,ଗୋଷ୍ଠୀ, ରାଜ୍ୟ ଏବଂ ଦେଶ ଇତ୍ୟାଦି ସହିତ ଖାପଖୁଆଇ ଚଳିବା ପାଇଁ ସମର୍ଥ କରାଇବା - ଯାହା ଫଳରେ ସେମାନେ ବର୍ତ୍ତମାନ ସମାଜ କିପରି ଆସିଛି ବୁଝି ପାରିବେ ଏବଂ ସେମାନେ ବାସ କରୁଥିବା ସମାଜର ସାମାଜିକ ପ୍ରଭାବ ଏବଂ ପରିବର୍ତ୍ତନ ଛାଞ୍ଚର ମଧ୍ୟ ଭାଗକୁ ଚତୁରତାର ସହିତ ବାଖ୍ୟା କରିପାରିବେ ।

### ଶିକ୍ଷା କମିଶନ୍ (Education Commission 1964-66) ମନ୍ତବ୍ୟ:-

ସାମାଜିକ ପାଠର ଲକ୍ଷ୍ୟ ହେଉଛି ପିଲାମାନଙ୍କୁ ସେମାନଙ୍କର ପରିବେଶ ସମ୍ପର୍କିତ ଜ୍ଞାନ ହାସଲ, ମାନବ ସମ୍ପର୍କକୁ ବୁଝିବା, ବିଶ୍ୱ, ଦେଶ, ରାଜ୍ୟ, ଗୋଷ୍ଠୀର ବ୍ୟାପାରରେ ବୁଦ୍ଧିମାନର ସହ ଅଂଶ ଗ୍ରହଣ ପାଇଁ ଗୁରୁତ୍ୱପୂର୍ଣ୍ଣ ମନୋବୃତ୍ତି ଓ ମୂଲ୍ୟବୋଧ ବୃଦ୍ଧିରେ ସହାୟତା ପ୍ରଦାନ କରିବା । ସାମାଜିକ ବିଜ୍ଞାନର ଏକ ଫଳପ୍ରଦ କାର୍ଯ୍ୟକ୍ରମ ହେଉଛି ଭାରତରେ ଏକ ଉତ୍ତମ ନାଗରିକ ଏବଂ ଆବେଗିକ ଏକୀକରଣର ବିକାଶ କରିବା ।

୧୦ ବର୍ଷିଆ ବିଦ୍ୟାଳୟ ପାଇଁ ପାଠ୍ୟକ୍ରମ : ଏକ ନମୁନା ଜାତୀୟ, ଶିକ୍ଷା, ଗବେଷଣା ଓ **ତାଲିମ ପରିଷଦ**

**(NCERT) (୧୯୭୫) ର ମନ୍ତବ୍ୟ:-**

"ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ପରିବେଶ ଅଧ୍ୟୟନରେ ପ୍ରାକୃତିକ ଓ ସାମାଜିକ ପରିବେଶ ଏବଂ ଆମ ପରିବେଶ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଠାରୁ ସାମାଜିକ ଅଧ୍ୟୟନ ଅତ୍ୟଧିକ ଗ୍ରହଣଯୋଗ୍ୟ, ଏହା ଏକ ପ୍ରଶସ୍ତ ଏବଂ ମିଶ୍ର ଶିକ୍ଷା ସମ୍ବନ୍ଧୀୟ କ୍ଷେତ୍ରକୁ ସଂପୃକ୍ତ କରିଛି ।"

**ପ୍ରାରମ୍ଭିକ ଏବଂ ମାଧ୍ୟମିକ ଶିକ୍ଷା (1988) ପାଇଁ ଜାତୀୟ ପାଠ୍ୟକ୍ରମର ଅନୁଧ୍ୟାନ:-**

ସାମାଜିକ ବିଜ୍ଞାନ ସାଧାରଣତଃ ହେଉଛି ଏକ ଅଦ୍ୱିତୀୟ ଶୈକ୍ଷିକ କ୍ଷେତ୍ର । **NPE (1986) ଦ୍ୱାରା ମନନ କରାଯାଇଥିବା ସମସ୍ତ ଅନ୍ତଃ - ଉପକରଣ ସଂକ୍ରାନ୍ତରେ ଶିକ୍ଷାଦାନର ଏକ ପ୍ରଭାବୀ ଉପକରଣ ଭାବରେ ଏହା ପ୍ରମାଣିତ । NPE ଦ୍ୱାରା ଚିତ୍ରଣ କରାଯାଇଥିବା ଅନ୍ତଃଉପକରଣଗୁଡିକ ହେଉଛି :-**

(i) ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ

(ii) ସାମ୍ବିଧାନିକ ଦାୟିତ୍ୱବୋଧ

(iii) ଭାରତୀୟ ସଂସ୍କୃତି ଓ ପରମ୍ପରାର ମୂଲ୍ୟବୋଧ

(iv) ଧର୍ମନିରପେକ୍ଷତା, ସାମ୍ୟବାଦ ଓ ଲୋକତନ୍ତ୍ର

(v) ଲିଙ୍ଗଗତ ସମାନତା

(vi) ପରିବେଶର ସୁରକ୍ଷା

(vii) କ୍ଷୁଦ୍ର ପରିବାରର ନିୟମ ଇତ୍ୟାଦି ।

**ଜାତୀୟ ପାଠ୍ୟକ୍ରମ ଆଧାର (2005, P-50) ମନ୍ତବ୍ୟ:-**

"ସାମାଜିକ ବିଜ୍ଞାନ ସମାଜର ବିଭିନ୍ନ ସମ୍ପୃକ୍ତିକୁ ଆବଦ୍ଧ କରିଛି ଏବଂ ବିଭିନ୍ନ ବିଷୟବସ୍ତୁ ଯଥା - ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ, ଅର୍ଥନୀତି, ସମାଜଶାସ୍ତ୍ର ଏବଂ ମାନବଶାସ୍ତ୍ର ଇତ୍ୟାଦିକୁ ମଧ୍ୟ ବହୁମାତ୍ରାରେ ଅନ୍ତର୍ଭୁକ୍ତ କରିଛି ।

ସାମାଜିକ ବିଜ୍ଞାନର ବିଷୟବସ୍ତୁ ଏବଂ ଜ୍ଞାନ ଗୋଟିଏ ଶାନ୍ତିପୂର୍ଣ୍ଣ ସମାଜ ଗଠନ କରିବା ପାଇଁ ବହୁ ଉପଯୋଗୀ ବିଷୟ । ଏହି ବିଷୟବସ୍ତୁର ମୁଖ୍ୟ ଲକ୍ଷ୍ୟ ହେଉଛି ସୁପରିଚିତ ସାମାଜିକ ବାସ୍ତବତାକୁ ସମାଲୋଚନାତ୍ମକ ଭାବେ ଅନୁସନ୍ଧାନ ଏବଂ ପ୍ରଶ୍ନ ଜରିଆରେ ପିଲାମାନଙ୍କ ମଧ୍ୟରେ ସଚେତନତା ଭାବ ସୃଷ୍ଟି କରିବା । ନୂତନ ପରିସର ଏବଂ ସଂପର୍କ ସଂପୃକ୍ତିର ସାମ୍ୟବତା, ସାଧାରଣତଃ ପିଲାମାନଙ୍କର ନିଜସ୍ୱ ଜୀବନର ଅନୁଭୂତିକୁ ଗ୍ରହଣ କରିଥାଏ ଏବଂ ଅର୍ଥପୂର୍ଣ୍ଣ ପାଠ୍ୟକ୍ରମରେ ସାମଗ୍ରୀକୁ ଚୟନ ଏବଂ ସଂଗଠନ କରିବା ଦ୍ୱାରା ସମାଜକୁ ଗୋଟିଏ ସମାଲୋଚନାତ୍ମକ ଭାବନାଶକ୍ତିର ବିକାଶ ପାଇଁ ପିଲାମାନଙ୍କୁ ସମର୍ଥ କରାଇଥାଏ । ତେଣୁ ଏହା ହେଉଛି ଏକ ଆହ୍ୱାନମୂଳକ କାର୍ଯ୍ୟ" ।

**ନିଜ ଅଗ୍ରଗତି ଆକଳନ -୨**

ପ୍ରଶ୍ନ :- ପ୍ରାଚୀନ ଭାରତୀୟ ସାଂସ୍କୃତିକ / ଶିକ୍ଷାଗତ ବ୍ୟବସ୍ଥାରେ ସାମାଜିକ ବିଜ୍ଞାନ ଶିକ୍ଷଣର ସ୍ଥାନକୁ ବର୍ଣ୍ଣନା କର ।

ନିମ୍ନରେ ପ୍ରଦତ୍ତ ଶୂନ୍ୟସ୍ଥାନରେ ତୁମ ଉତ୍ତର ଲେଖ ଏବଂ ତୁମ ଉତ୍ତରକୁ ଏକକ ଶେଷରେ ଦିଆଯାଇଥିବା ଆଦର୍ଶ ଉତ୍ତର ସହ ତୁଳନା କର ।

..................................................................................................................

..................................................................................................................

ଟିପ୍ପଣୀ

........................................................................................................

........................................................................................................

## ୧.୪. ସମାଜର ସାଂପ୍ରତିକ ସ୍ଥିତି :-

ଅତୀତର ସମାଜରୁ ବର୍ତ୍ତମାନର ସମାଜ ବିକଶିତ । ବର୍ତ୍ତମାନ ଲୋକମାନେ ସମାଜକୁ 'ଆଧୁନିକ' ବା 'ଅତ୍ୟାଧୁନିକ' ବୋଲି କୁହନ୍ତି । ବର୍ତ୍ତମାନ ସମାଜର ନିର୍ଦ୍ଦିଷ୍ଟ ଉପାଦାନଗୁଡିକ କିଛି ମାତ୍ରାରେ ପୁରାତନ ସମାଜରେ ଦେଖିବାକୁ ମିଳୁଥିଲା । ସେହି ସମାଜଗୁଡିକ ହେଲା ପ୍ରାଚୀନ, ମଧ୍ୟଯୁଗୀୟ ଓ ଆଧୁନିକ ସମାଜ ଇତ୍ୟାଦି । ବର୍ତ୍ତମାନ ଆମେ ଆଧୁନିକ ସମାଜର ସ୍ଥିତି, ବୈଶିଷ୍ଟ୍ୟ, ସମସ୍ୟା ଓ ସମାଧାନ ଦିଗରେ ସାମାଜିକ ବିଜ୍ଞାନର ଭୂମିକା ଉପରେ ଆଲୋଚନା କରିବା ।

### ୧.୪.୧. ସାମ୍ପ୍ରତିକ ସାମାଜିକ ଘଟଣାବଳୀ ଏବଂ ଆହ୍ୱାନ

ବର୍ତ୍ତମାନର ସମାଜ ଏକବିଂଶ ଶତାବ୍ଦୀରେ ପଦାର୍ପଣ କରିଅଛି । ବର୍ତ୍ତମାନ ସମାଜ ବିଭିନ୍ନ ପ୍ରକାରର ସମସ୍ୟା ଓ ଆହ୍ୱାନ, ଦ୍ୱନ୍ଦ୍ୱ, ପରିବର୍ତ୍ତନର ଘଟଣାମାନ ଦେଇ ଗତି କରୁଅଛି । ସେଗୁଡିକ ନିମ୍ନରେ ଆଲୋଚନା କରିବା ।

୧. ସାମ୍ପ୍ରତିକ ସମାଜ ଦ୍ରୁତ ଅଭିବୃଦ୍ଧିଶୀଳ ବିଜ୍ଞାନ ଓ ବୈଷୟିକ ଜ୍ଞାନ ଆଧାରିତ ପ୍ରଗତିଶୀଳ ସମାଜ ଅଟେ ।

୨. ଜଟିଳତା, ଅସମାନତା, ବିଭେଦତା ଏବଂ ଭିନ୍ନତା ସାମ୍ପ୍ରତିକ ସମାଜର ବୈଶିଷ୍ଟ୍ୟ । ଜୀବନର ବିଭିନ୍ନ କ୍ଷେତ୍ର ଯଥା- ଅର୍ଥନୀତି, ରାଜନୀତି, ସାଂସ୍କୃତିକ, ଧାର୍ମିକ ଇତ୍ୟାଦିରେ ।

3) ବର୍ତ୍ତମାନ ସମାଜରେ ଆଧୁନିକୀକରଣ, ଔଦ୍ୟୋଗିକ ବିକାଶ, ସହରୀକରଣ, ବିଶେଷୀକରଣ, ସାର୍ବଭୌମିକତା, ଘରୋଇକରଣ, ଉଦାରୀକରଣ, ଯୋଜନା ବଦ୍ଧ ବିକାଶ ଇତ୍ୟାଦି ହେଉଛି ବର୍ତ୍ତମାନ ସମାଜର ମୌଳିକ ଲକ୍ଷଣ ।

୪) ବର୍ତ୍ତମାନ ସମାଜରେ ଲୋକତନ୍ତ୍ର, ସମାଜବାଦ, ଧର୍ମନିରପେକ୍ଷତା, ସ୍ୱାଧୀନତା, ସମାନତା, ଭାଇଚାରା, ନ୍ୟାୟ, ବୈଜ୍ଞାନିକ ଚିନ୍ତାଧାରା, ବ୍ୟକ୍ତିଗତ ସ୍ୱାଧୀନତା, ବୁଦ୍ଧିବାଦୀ ଚିନ୍ତାଧାରା ଏଗୁଡିକ ନୂତନ ସାମାଜିକ ମୂଲ୍ୟବୋଧ ଭାବରେ ମୁଣ୍ଡଟେକି ଉଠିଛି ।

୫) ବର୍ତ୍ତମାନ ସମାଜର ବହୁ ସଂସ୍କୃତବାଦ, ସାଂସ୍କୃତିକ ବହୁଳଭାବ, ବହୁଭାଷୀୟ, ଅହିତକର ସାମାଜିକ ପରମ୍ପରାର ବିଲୋପ ଇତ୍ୟାଦି ବିସ୍ତୃତ ଭାବରେ ସମାଜରେ ଗତିଶୀଳ ହେଉଅଛି ।

୬) ବର୍ତ୍ତମାନ ସମାଜ ଗରିବୀ, ବେରୋଜଗାରୀ, ଗ୍ରାମୀଣ-ସହରୀ ଭେଦଭାବ, ଶୋଷଣ, ବସ୍ତିବିକାଶ, ଜାତିଗତ ଭେଦଭାବ, ପାରିବାରିକ ହିଂସା, ସାମାଜିକ ହିଂସା, କଳାବଜାରି, କ୍ଷେତ୍ରବାଦ, ସ୍ୱଳ୍ପବିକାଶ, ପରିବେଶ ପ୍ରଦୁଷଣ, ସନ୍ତ୍ରାସବାଦ, ଜନସଂଖ୍ୟା ସମସ୍ୟା, ସାମାଜିକ ହସ୍ତାନ୍ତରଣ ସହିତ ଖାପଖୁଆଇବାର ସମସ୍ୟା ଇତ୍ୟାଦି ଅଧିକ ସଂଖ୍ୟକ ନୂତନ ସାମାଜିକ ସମସ୍ୟା ଏବଂ ଆହ୍ୱାନକୁ ସମ୍ମୁଖୀନ ହେଉଛି ।

### ୧.୪.୨. ବିଭିନ୍ନ ସମାଜରେ ସାମାଜିକ ବିଜ୍ଞାନର ପରିସର

ଏକ ବିଭେଦିତ ସମାଜ ହେଉଛି ଏକ ଜଟିଳ ଏବଂ ବିଜାତୀୟ (heterogenous) ସମାଜ ଯାହା ଅଧିକାଂଶ ସାମାଜିକ ସମସ୍ୟା ଏବଂ ଆହ୍ୱାନର ସମ୍ମୁଖୀନ ହୋଇଥାଏ । ବର୍ତ୍ତମାନର ସମାଜ ହେଉଛି ଏକ ବିଭେଦିତ ସମାଜ ଯେଉଁଠାରେ ବହୁଳ ଭାବରେ ସାମାଜିକ ସମସ୍ୟା ଦେଖାଦେଇଥାଏ । (ଏହି ସମସ୍ୟାଗୁଡିକ ଆମେ ପୂର୍ବରୁ ଆଲୋଚନା କରିସାରିଛେ) । ସମୟକ୍ରମେ ହେଉଥିବା ନୂତନ ସାମାଜିକ ସମସ୍ୟା, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଜ୍ଞାନ ଏବଂ ଅନ୍ୟାନ୍ୟର ପ୍ରଭାବ ଯୋଗୁ ବର୍ତ୍ତମାନ ସମାଜ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି । ଏହି ନୂତନ ସାମାଜିକ ସମସ୍ୟାକୁ ଠିକଣା ଜବାବ ଦେବା ପାଇଁ ନୂତନ ସାମାଜିକ ବିଜ୍ଞାନ ଦୃଶ୍ୟମାନ ହେଲା ଏବଂ

ଏହା ଶିକ୍ଷା ବ୍ୟବସ୍ଥାର ଏକ ଅଂଶ ଭାବେ ପରିଗଣିତ ହେଲା । ୧୮ ଏବଂ ୧୯ ଶତାବ୍ଦୀରେ ସାମାଜିକ ବିଜ୍ଞାନ ବିଷୟଗୁଡ଼ିକ ମୁଖ୍ୟତଃ ମନୋବିଜ୍ଞାନ, ସାମାଜିକ ସେବା, ସର୍ବସାଧାରଣ ପ୍ରଶାସନ, ଅପରାଧ ବିଜ୍ଞାନ, ଜନସଂଖ୍ୟା ତତ୍ତ୍ୱ ଇତ୍ୟାଦିର ସ୍ୱଳ୍ପ ଅନୁଭୂତି ଥିଲା; କିନ୍ତୁ ବର୍ତ୍ତମାନ କିଛି ଶତାବ୍ଦୀ ହେବ, ସେହି ବିଷୟଗୁଡ଼ିକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହାର କାରଣ ଅଧିକାଂଶ ସାମାଜିକ ସମସ୍ୟା ଏହା ସହିତ ସଂପୃକ୍ତ ହୋଇଛି । ଉଦାହରଣ ସ୍ୱରୂପ - ୧୮ ଏବଂ ୧୯ ଶତାବ୍ଦୀରେ ଜନସଂଖ୍ୟା ସଂପର୍କିତ ସମସ୍ୟା ବିଶେଷକରି ଜନସଂଖ୍ୟାର ବୃଦ୍ଧି ଗୋଟିଏ ବଡ ଧରଣର ସାମାଜିକ ସମସ୍ୟା ହୋଇନଥିଲା । କିନ୍ତୁ ପରବର୍ତ୍ତୀ ଶତାବ୍ଦୀ ଏବଂ ବର୍ତ୍ତମାନ ଶତାବ୍ଦୀରେ ଜନସଂଖ୍ୟା ବୃଦ୍ଧି ସଂପର୍କିତ ଜଟିଳତା ସାମାଜିକ ଜୀବନର ଅଧିକାଂଶ ଦିଗକୁ ପ୍ରଭାବ ପକାଇଛି ଯାହା ପାଇଁ ଜନସଂଖ୍ୟା ତତ୍ତ୍ୱ ବିଷୟ ଦୃଶ୍ୟମାନ ହୋଇଛି ଏବଂ ଏହା ଶିକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ । ପ୍ରାକ୍ ଆଧୁନିକ / ପ୍ରାତଃ ଆଧୁନିକ ସମାଜରେ, ଲୋକମାନଙ୍କର ଜୀବନ ସାଧାରଣ ଥିଲା ଏବଂ  ଅପରାଧ ଜନିତ କାର୍ଯ୍ୟଗୁଡ଼ିକରେ ସ୍ୱଳ୍ପ ମାତ୍ରାରେ ଜଡ଼ିତ ହେଉଥିଲେ, କିନ୍ତୁ ଆଧୁନିକ ଶିଳ୍ପ ସମ୍ବନ୍ଧୀୟ ସମାଜରେ, ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅପରାଧ ଜନିତ କାର୍ଯ୍ୟାବଳୀ ଦେଖିବାକୁ ମିଳୁଛି । ଅପରାଧ ଜନିତ କାର୍ଯ୍ୟଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ, ସାମାଜିକ ବିଜ୍ଞାନ ବିଷୟ "ଅପରାଧ ବିଜ୍ଞାନ" ଦୃଶ୍ୟମାନ ହେଲା ଏବଂ ଶିକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ପରିଗଣିତ ହେଲା । ସମୟକ୍ରମେ ସେହିପରି ଅଧିକାଂଶ ସାମାଜିକ ବିଷୟଗୁଡ଼ିକ ଦୃଶ୍ୟମାନ ହୋଇଛି ସାମାଜିକ ସମସ୍ୟାର ପରିବର୍ତ୍ତନଶୀଳ ସ୍ୱଭାବକୁ ମୁକାବିଲା କରିବା ପାଇଁ । ସେଥିପାଇଁ ସାମାଜିକ ବିଜ୍ଞାନର ପରିସର ସମୟକ୍ରମେ ବିସ୍ତାରିତ ହୋଇଛି ।

**ନିଜ ଅଗ୍ରଗତି ଆକଳନ- ୩**

ନୂତନ ସାମାଜିକ ବିଜ୍ଞାନର ପରିସର କାହିଁକି ଦିନକୁ ଦିନ ବୃଦ୍ଧି ପାଉଛି ?

..........................................................................................................................

..........................................................................................................................

..........................................................................................................................

..........................................................................................................................

..........................................................................................................................

..........................................................................................................................

..........................................................................................................................

## ୧.୫. ସାମାଜିକ ବିଜ୍ଞାନର ଉପାଦାନ

ସାଧାରଣତଃ ସାମାଜିକ ବିଜ୍ଞାନ ଏକ କ୍ଷେତ୍ର ଅଧ୍ୟୟନକୁ ନେଇ ଗଠନ କରାଯାଇଛି । ଯଦିଓ ସାମାଜିକ ବିଜ୍ଞାନର ଜନ୍ମ କେବଳ ଛୋଟ/ସ୍ୱଳ୍ପ ସମୟକୁ ବ୍ୟାପ୍ତ କରିଥିଲା, ପରବର୍ତ୍ତୀ ମୁହୂର୍ତ୍ତରେ ଅନ୍ୟ କ୍ଷେତ୍ର ଅଧ୍ୟୟନଠାରୁ ଏହା ନିଜକୁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଅଧ୍ୟୟନ ଭାବେ ପ୍ରତିଷ୍ଠିତ କରିପାରିଛି । ଏହା ହେଉଛି ସାମାଜିକ ଘଟଣାବଳୀ ସହିତ ସଂପର୍କିତ ସମୟ, ବିଷୟବସ୍ତୁ, ଆହ୍ୱାନ ଇତ୍ୟାଦିର ପ୍ରଭାବ ଯେଉଁଗୁଡ଼ିକ ସାମାଜିକ ବିଜ୍ଞାନକୁ ଗୋଟିଏ କ୍ଷେତ୍ର ଅଧ୍ୟୟନ ଭାବେ ପ୍ରସ୍ତୁତ କରିଛନ୍ତି । ବର୍ତ୍ତମାନ ଆମେ ବର୍ଣ୍ଣନା କରିବା କିପରି ସାମାଜିକ ବିଜ୍ଞାନକୁ ଗୋଟିଏ କ୍ଷେତ୍ର ଅଧ୍ୟୟନ ଭାବେ ଗଠନ କରାଯାଇଛି ଏବଂ ବିଦ୍ୟାଳୟ ସ୍ତରରେ କେଉଁଗୁଡ଼ିକ ହେଉଛି ସାମାଜିକ ବିଜ୍ଞାନର ଶିକ୍ଷା ସମ୍ବନ୍ଧୀୟ ଉପାଦାନ ।

### ୧.୫.୧. ସାମାଜିକ ବିଜ୍ଞାନ ପରିବାର ମଧ୍ୟରେ ସଂପୃକ୍ତ ବିଷୟ

ଜ୍ଞାନ ହେଉଛି ଏକ ଏକାତ୍ମକ ଧାରଣା ଏବଂ ଏହାକୁ ଜଳାବଦ୍ଧ ପ୍ରକୋଷ୍ଠ ପରି ବିଭିନ୍ନ ପୃଥକ୍ ବିଷୟରେ ଭାଗ ଭାଗ କରାଯାଇ ପାରିବ ନାହିଁ । ବରଂ ଜ୍ଞାନକୁ ନିଜ ସହ ପର୍ଯ୍ୟାପ୍ତ ସଂଯୋଗ ରହିଥିବା ପରିବ୍ୟାପ୍ତ କ୍ଷେତ୍ରରେ

ଟିପ୍ପଣୀ

ଜ୍ଞାନର ବ୍ୟାପକ କ୍ଷେତ୍ର ପ୍ରଣାଳୀ

| ଅଧ୍ୟୟନର କ୍ଷେତ୍ର | ଅଧ୍ୟୟନର କ୍ଷେତ୍ର ସହିତ ସଂପୃକ୍ତ ବିଷୟଗୁଡିକ |
|---|---|
| ଭୌତିକ ବିଜ୍ଞାନ (Physical Science) | ❍ ଭୌତିକ<br>❍ ରାସାୟନିକ<br>❍ ଭୂ-ବିଜ୍ଞାନ |
| ଗାଣିତିକ ବିଜ୍ଞାନ (Mathematical Science) | ❍ ବୀଜଗଣିତ<br>❍ ସଂଖ୍ୟାଶାସ୍ତ୍ର<br>❍ ଜ୍ୟାମିତି<br>❍ ପରିମିତି |
| ଜୀବ ବିଜ୍ଞାନ (Biolocical Science) | ❍ ଉଭିଦ ବିଜ୍ଞାନ<br>❍ ପ୍ରାଣୀ-ବିଜ୍ଞାନ<br>❍ ଜୀବ ପ୍ରକ୍ରିୟାର ଉଦ୍ୟୋଗୀକରଣ ପ୍ରୟୋଗ<br>❍ ଜୀବ ବିଜ୍ଞାନ |
| ସାମାଜିକ ବିଜ୍ଞାନ | ❍ ଇତିହାସ<br>❍ ଅର୍ଥନୀତି<br>❍ ରାଜନୀତି ବିଜ୍ଞାନ<br>❍ ମନୋବିଜ୍ଞାନ |
| ଭାଷା ଅଧ୍ୟୟନ | ❍ ସାହିତ୍ୟ<br>❍ ଭାଷାଜ୍ଞାନ (Linguistic)<br>❍ ନାଟକ ଏବଂ ଉପନ୍ୟାସ ଇତ୍ୟାଦି |

ଜ୍ଞାନର ଶାଖାକୁ ଗୋଟିଏ କ୍ଷେତ୍ରର ଅଧ୍ୟୟନ ବୋଲି କୁହାଯିବା ପାଇଁ ନିର୍ଦ୍ଦିଷ୍ଟ ସର୍ତ୍ତକୁ ପୂରଣ କରିବା ନିହାତି ଆବଶ୍ୟକ । ନିମ୍ନରେ ୩ଟି ପଏଣ୍ଟ୍ ଦିଆଯାଇଛି ଯେଉଁଗୁଡିକ ଗୋଟିଏ କ୍ଷେତ୍ର ଅଧ୍ୟୟନ ଲକ୍ଷଣକୁ ୩ଟି ମୁଖ୍ୟ ଉପାୟରେ ବର୍ଣ୍ଣନା କରିଥାଏ –

1. ଗୋଟିଏ କ୍ଷେତ୍ର ଅଧିକାଂଶ ସଂଖ୍ୟକ ବ୍ୟକ୍ତିଗତ ବିଷୟଗୁଡିକୁ ସଂପୃକ୍ତ କରିଥିବା ଆବଶ୍ୟକ ।
2. ଗୋଟିଏ କ୍ଷେତ୍ରର ନିୟନ୍ତ୍ରଣରେ ଥିବା ବିଷୟଗୁଡିକ ମଧ୍ୟରେ କାର୍ଯ୍ୟାତ୍ମକ ସଂପର୍କ ଏବଂ ବିଭିନ୍ନତା ଦେଖାଯାଏ ।
3. ବିଭିନ୍ନ କ୍ଷେତ୍ରର ବିଷୟଗୁଡିକ ଏବଂ ବିଭିନ୍ନ କ୍ଷେତ୍ରଗୁଡିକ ମଧ୍ୟରେ କାର୍ଯ୍ୟାତ୍ମକ ସଂପର୍କ ଏବଂ ବିଭିନ୍ନତା ଦେଖାଯାଏ ।

ସାମାଜିକ ବିଜ୍ଞାନ ଗୋଟିଏ ଜ୍ଞାନର ଶାଖା ହିସାବରେ ଉପରୋକ୍ତ ସମସ୍ତ ସର୍ତ୍ତକୁ ପୂରଣ କରିଥିବାରୁ ଏହାକୁ ଅଧ୍ୟୟନର କ୍ଷେତ୍ର କୁହାଯାଏ । ପ୍ରଥମତଃ ସାମାଜିକ ବିଜ୍ଞାନ ଅଧିକ ସଂଖ୍ୟକ ବ୍ୟକ୍ତିଗତ ବିଷୟ ଯଥା- ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ, ଅର୍ଥନୀତି, ଆଇନ ଇତ୍ୟାଦି ଗୁଡିକୁ ସଂପୃକ୍ତ କରିଛି । ଦ୍ୱିତୀୟତଃ,

ସମସ୍ତ ସାମାଜିକ ବିଜ୍ଞାନ ବିଷୟଗୁଡିକ ଭିତରେ କ୍ରିୟାତ୍ମକ ସଂପର୍କ ଏବଂ ପାର୍ଥକ୍ୟ ଅଛି । ସାମାଜିକ ବିଜ୍ଞାନ ବିଷୟଗୁଡିକ ପରସ୍ପର ସହିତ ସଂପର୍କିତ କାରଣ ସାମାଜିକ ବିଜ୍ଞାନର ପ୍ରତ୍ୟେକ ବିଷୟଗୁଡିକରେ ମାନବ ସଂପର୍କ ହେଉଛି ଏକ ସାଧାରଣ ନାମ । ଆହୁରି ମଧ୍ୟ ଏହାର ସମସ୍ତ ବିଷୟରେ ପାର୍ଥକ୍ୟ ରହିଛି ବା ଅଲଗା ଅଟେ । ଉଦାହରଣ ସ୍ୱରୂପ ଅର୍ଥଶାସ୍ତ୍ର ସମାଜର ଅର୍ଥନୈତିକ ସମ୍ବନ୍ଧକୁ ଦର୍ଶାଇଥାଏ । ରାଜନୈତିକ ବିଜ୍ଞାନ ସମାଜର ଶାସନ ପ୍ରଣାଳୀକୁ ଅଧ୍ୟୟନ କରେ ଏବଂ ଆଇନଶାସ୍ତ୍ର ସମାଜର ଆଇନଗତ ପ୍ରତିଷ୍ଠାନକୁ ଅଧ୍ୟୟନ କରେ । ତୃତୀୟତଃ ସାମାଜିକ ବିଜ୍ଞାନ ବିଷୟ ଅନ୍ୟ ସମସ୍ତ ବିଷୟଠାରୁ ଭିନ୍ନ ଅଟେ । ଉଦାହରଣ ସ୍ୱରୂପ, ସମସ୍ତ ବିଷୟର ଅଧ୍ୟୟନ ଜ୍ଞାନର ଶାଖା ସମୂହ । ଜ୍ଞାନ ସମସ୍ତ ବିଷୟର ଏକାତ୍ମକ ଅବଧାରଣା ଅଟେ । ତେଣୁ ସମାଜ ବିଜ୍ଞାନ ସମସ୍ତ ବିଷୟ ଅଧ୍ୟୟନରେ ବିଶିଷ୍ଟ ଲକ୍ଷଣ ସମୂହକୁ ଦର୍ଶାଇଥାଏ । ତେଣୁ ସାମାଜିକ ବିଜ୍ଞାନ ଅନ୍ୟ ସମସ୍ତ ବିଷୟ ଅଧ୍ୟୟନଠାରୁ ଭିନ୍ନ ଅଟେ । ସମାଜ ବିଜ୍ଞାନ ସାମାଜିକ ସମ୍ବନ୍ଧକୁ ଦର୍ଶାଇଥାଏ । ଶରୀର ବିଜ୍ଞାନ ଶରୀର ସମ୍ବନ୍ଧୀୟ ସମସ୍ତ ବିଷୟକୁ ଅଧ୍ୟୟନ କରିଥାଏ । ଜୀବ ବିଜ୍ଞାନ ଜୀବ ତଥା ଉଦ୍ଭିଦ ଜଗତର ଅଧ୍ୟୟନ କରିଥାଏ । ଗଣିତ ଶାସ୍ତ୍ର ସଂଖ୍ୟା ଗଣନ ଓ ଏହା ସହିତ ଜଡିତ ବିଷୟକୁ ଅଧ୍ୟୟନ କରିଥାଏ ।

ସାମାଜିକ ବିଜ୍ଞାନ ପରିବାର ସହିତ ବହୁ ବିଷୟ ଜଡିତ ହୋଇଅଛି । ଯାହା କି ରାଜନୀତି ବିଜ୍ଞାନ, ଅର୍ଥନୈତିକ ବା ଅର୍ଥଶାସ୍ତ୍ର, ଦର୍ଶନଶାସ୍ତ୍ର ଇତ୍ୟାଦି ବହୁ ପୂର୍ବରୁ ରହି ଆସିଥିବାବେଳେ କିଛି ବିଷୟ ଯେପରି - ମାନବ ଅଧିକାର, ସାଧାରଣ ପ୍ରଶାସନ, ସାମାଜିକ କାର୍ଯ୍ୟ ବିଷୟଗୁଡିକ ସମ୍ପ୍ରତି ବିକଶିତ ହୋଇଅଛି । ସାମାଜିକ ବିଜ୍ଞାନକୁ ମୁଖ୍ୟତଃ ତିନୋଟି ଶାଖାରେ ବିଭକ୍ତ କରାଯାଇଛି । ସେଗୁଡିକ ହେଲା :-

1. **ଶୁଦ୍ଧ ସାମାଜିକ ବିଜ୍ଞାନ** : ରାଜନୈତିକ ବିଜ୍ଞାନ, ଅର୍ଥନୈତିକ / ଅର୍ଥଶାସ୍ତ୍ର, ଇତିହାସ, ନ୍ୟାୟଶାସ୍ତ୍ର, ଆଇନଶାସ୍ତ୍ର, ସାଧାରଣ ପ୍ରଶାସନ, ସାମାଜିକ କାର୍ଯ୍ୟ, ମାନବ ଅଧିକାର, ମାନବ ବିଜ୍ଞାନ ଇତ୍ୟାଦି ।
2. **ଅର୍ଦ୍ଧ ସାମାଜିକ ବିଜ୍ଞାନ** : ନୀତିଶାସ୍ତ୍ର, ଦର୍ଶନଶାସ୍ତ୍ର, ମନୋବିଜ୍ଞାନ, କଳା ଇତ୍ୟାଦି ।
3. **ବିଜ୍ଞାନ ସହିତ ସାମାଜିକ ନିହିତାର୍ଥ** : ଭୂଗୋଳ, ଜୀବବିଜ୍ଞାନ, ଭେଷଜ, ଭାଷାବିଜ୍ଞାନ, ଗ୍ରନ୍ଥାଗାର ବିଜ୍ଞାନ ଇତ୍ୟାଦି ।

### ୧.୫.୨. ବିଦ୍ୟାଳୟ ସ୍ତରରେ ସାମାଜିକ ବିଜ୍ଞାନର ଶିକ୍ଷାଦାନ ସମ୍ବନ୍ଧୀୟ ଉପାଦାନ :-

ଏହା ପୂର୍ବରୁ ଆଲୋଚନା କରାଯାଇଥିଲା ଯେ ବିଦ୍ୟାଳୟ ସ୍ତରର ସାମାଜିକ ପାଠ (କିମ୍ବା ସାମାଜିକ ବିଜ୍ଞାନ) ପାଠ୍ୟକ୍ରମ ସାମାଜିକ ବିଜ୍ଞାନର ଅନେକ ସଂଖ୍ୟକ ବିଷୟରୁ ବିଷୟବସ୍ତୁକୁ ମନୋନୀତ କରିଛି । ଏହି ଭଳି କିଛି ଚୟନ କରାଯାଇଥିବା ସଂଗଠିତ ବିଷୟଗୁଡିକ ଯଥା - ଇତିହାସ, ଭୂଗୋଳ, ନଗର ବିଜ୍ଞାନ ଇତ୍ୟାଦି ବିଦ୍ୟାଳୟସ୍ତରରେ ପଢାଯାଇଥାଏ । ବର୍ତ୍ତମାନ ଇତିହାସ, ଭୂଗୋଳ, ସାମାଜିକ ଏବଂ ରାଜନୈତିକ ଜୀବନ ଭଳି ବିଷୟଗୁଡିକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମୂହରେ ଶିକ୍ଷାଦାନ ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (CBSE)(ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ବା NCERT ଦ୍ୱାରା ପ୍ରକାଶିତ) ପାଠ୍ୟକ୍ରମରେ ପ୍ରଚଳିତ କରାଯାଇଛି । ଉଚ୍ଚ ପ୍ରାଥମିକ ସ୍ତରୀୟ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ସଂକ୍ରାନ୍ତ ଆଉ କିଛି ସବିଶେଷ ବିବରଣୀ ଏହି ପାଠର ପରବର୍ତ୍ତୀ ଏକକରେ ପ୍ରଦାନ କରାଯାଇଛି । ସେହିପରି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (CBSE)ର ମାଧ୍ୟମିକ ବିଦ୍ୟାଳୟରେ ସାମାଜିକ ବିଜ୍ଞାନ ଶିକ୍ଷାଦାନ ପାଇଁ ପ୍ରକାଶିତ ପାଠ୍ୟକ୍ରମରେ ଚାରିଟି ବିଷୟ ଯଥା-ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥଶାସ୍ତ୍ରକୁ ସଂପୃକ୍ତ କରାଯାଇଛି ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାମାଜିକ ବିଜ୍ଞାନର ବହୁ ସଂଖ୍ୟକ ଉପ-ବିଷୟ ଯଥା - ଇତିହାସ, ରାଜନୈତିକ ବିଜ୍ଞାନ, ନୃ ବିଜ୍ଞାନ, ସାମାଜିକ ଶାସ୍ତ୍ର ଇତ୍ୟାଦିକୁ ସ୍ୱତନ୍ତ୍ର/ ସ୍ୱାଧୀନ ବିଷୟ ଭାବେ ଶିକ୍ଷାଦାନ କରାଯାଏ ।

ଛବି ୧.୨ - ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ସାମାଜିକ ବିଜ୍ଞାନର ବିଭିନ୍ନ ଶିକ୍ଷା ସମ୍ବନ୍ଧୀୟ ବିଷୟ/ଉପାଦାନ ।

ଟିପ୍ପଣୀ

### ପୁରୁଷ ଓ ମହିଳାମାନଙ୍କ ମୌଳିକ ଆବଶ୍ୟକତା




Fig 1.2. ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ସ୍ତରର ସାମାଜିକ ବିଜ୍ଞାନର ଶିକ୍ଷା ସମ୍ବନ୍ଧୀୟ ବିଷୟ / ଉପାଦାନ

**ନିଜ ଅଗ୍ରଗତି ଆକଳନ :- ୪**

ଗୋଟିଏ କ୍ଷେତ୍ର ଅଧ୍ୟୟନର ଲକ୍ଷଣକୁ ସୂଚାଉଥିବା ୩ଟି ସର୍ତ୍ତଗୁଡ଼ିକ ଲେଖ । ସାମାଜିକ ବିଜ୍ଞାନ କ୍ଷେତ୍ର ଭାବେ ଗ୍ରହଣ କରାଯାଉଥିବା ପାଞ୍ଚଟି ବିଷୟର ନାମ ଉଲ୍ଲେଖ କର ।

(ଟିପ୍ପଣୀ:ନିମ୍ନରେ ପ୍ରଦତ୍ତ ଶୂନ୍ୟସ୍ଥାନରେ ତୁମ ଉତ୍ତର ଲେଖ ଏବଂ ତୁମ ଉତ୍ତରକୁ ଏକକ ଶେଷରେ ଦିଆଯାଇଥିବା ଆଦର୍ଶ ଉତ୍ତର ସହ ତୁଳନା କର)

------------------------------------------------------------------------------------------------

------------------------------------------------------------------------------------------------

------------------------------------------------------------------------------------------------

------------------------------------------------------------------------------------------------

----------------------------------------------------------------------

### ୧.୬. ସାମାଜିକ ବିଜ୍ଞାନରେ ଅନ୍ତଃବିଷୟ ଓ ସମନ୍ୱୟ ପ୍ରସଙ୍ଗ

ଜ୍ଞାନକୁ ସଂପୂର୍ଣ୍ଣ ଢଙ୍ଗରେ ବିଭାଜିତ କରିହେବ ନାହିଁ । ଗୋଟିଏ ବିଷୟ କିମ୍ବା ଅଧ୍ୟୟନ କ୍ଷେତ୍ର ସଂପୂର୍ଣ୍ଣ ଭାବେ ଆତ୍ମନିର୍ଭରଶୀଳ କିମ୍ବା ସ୍ୱତନ୍ତ୍ର ରୂପେ ପରିଗଣିତ ହେବ ତାହା ଆମେ କହିପାରିବା ନାହିଁ । ଏହି ଏକକର ପୂର୍ବ ଭାଗରେ ଆମେ ବିଷୟଗୁଡ଼ିକ ଏବଂ ଅଧ୍ୟୟନ କ୍ଷେତ୍ର ମଧ୍ୟରେ ଥିବା କ୍ରିୟାତ୍ମକ ସଂପର୍କ ବିଷୟରେ ପଢ଼ିଥିଲେ । ସାମାଜିକ ବିଜ୍ଞାନର କ୍ଷେତ୍ର ଅନ୍ୟ ଅଧ୍ୟୟନ କ୍ଷେତ୍ର ସହିତ ସର୍ବଦା କ୍ରିୟାତ୍ମକ ସଂପର୍କ ଅଛି । ସେହିପରି ଭାବେ ସାମାଜିକ ବିଜ୍ଞାନର ବିଭିନ୍ନ ଉପ-ବିଷୟଗୁଡ଼ିକ ମଧ୍ୟରେ ଏବଂ ଅନ୍ୟ ଅଧ୍ୟୟନ କ୍ଷେତ୍ରର ବିଭିନ୍ନ ବିଷୟଗୁଡ଼ିକ ମଧ୍ୟରେ କ୍ରିୟାତ୍ମକ ସଂପର୍କ ଅଛି ।

ଆସ ଆମେ ସାମାଜିକ ବିଜ୍ଞାନରେ ସମନ୍ୱୟ ଓ ଅନ୍ତଃବିଷୟ ପ୍ରସଙ୍ଗଗୁଡ଼ିକ ଆଲୋଚନା କରିବା ।

### ୧.୬.୧. ସାମାଜିକ ବିଜ୍ଞାନର ଅନ୍ତଃବିଷୟ ପ୍ରସଙ୍ଗ :-

ସାମାଜିକ ବିଜ୍ଞାନର ପ୍ରକୃତି ଅନ୍ତଃବିଷୟ ଅଟେ । ସାମାଜିକ ବିଜ୍ଞାନ କ୍ଷେତ୍ରର ଗୋଟିଏ ବିଷୟର ସାମାଜିକ

ବିଜ୍ଞାନର ସମାନ କ୍ଷେତ୍ରର ଅନ୍ୟ ବିଷୟଗୁଡ଼ିକ ସହିତ ଏବଂ ଅଧିକାଂଶ ଅନ୍ୟ ବିଷୟଗୁଡ଼ିକ ଯଥା- ଭୌତିକ ବିଜ୍ଞାନ, ଭାଷାଗତ ଅଧ୍ୟୟନ, ଜୈବିକ ବିଜ୍ଞାନ ଇତ୍ୟାଦି ସହିତ ସଂପର୍କ ଅଛି । ଏହି ସଂପର୍କକୁ ଅଧିକ ସ୍ପଷ୍ଟ କରିବା ପାଇଁ ଉଦାହରଣ ଦିଆଯାଇଛି । ସାମାଜିକ ବିଜ୍ଞାନ ବିଷୟ "ଇତିହାସ" ର ଲକ୍ଷଣଗୁଡ଼ିକ ବିଷୟରେ ବିଶ୍ଳେଷଣ କରିବା । ଇତିହାସ ବିଷୟର ପ୍ରକୃତି ହେଉଛି ଅନ୍ତଃବିଷୟ , ଆତ୍ମଶୃଙ୍ଖଳିତ ସ୍ୱଭାବର, କାରଣ ଯେତେବେଳେ ଆମେ ଇତିହାସ ପଢ଼ିବା ସେତେବେଳେ ଆମେ ଇତିହାସର ଅଧିକାଂଶ ସାମାଜିକ ବିଜ୍ଞାନ ବିଷୟଗୁଡ଼ିକୁ ଯଥା - ରାଜନୈତିକ ଇତିହାସ, ଅର୍ଥନୈତିକ ଇତିହାସ, ଇତିହାସର ମନୋବିଜ୍ଞାନ, ଧାର୍ମିକ ଇତିହାସ ଇତ୍ୟାଦିକୁ ଅଧ୍ୟୟନ କରିବା । ଅତିରିକ୍ତ ହେଉଛି, ଇତିହାସର ଅଧିକାଂଶ ଅଣ-ସାମାଜିକ ବିଜ୍ଞାନ ବିଷୟଗୁଡ଼ିକ ଯଥା - ପଦାର୍ଥ ବିଜ୍ଞାନର ଇତିହାସ, ଉଦ୍ଭିଦ ବିଜ୍ଞାନର ଇତିହାସ, ପ୍ରାଣୀ ବିଜ୍ଞାନର ଇତିହାସ, ଗଣିତର ଇତିହାସ, ବିଭିନ୍ନ ଭାଷାର ଇତିହାସ ଇତ୍ୟାଦି ମଧ୍ୟ ଇତିହାସର ଅଂଶ ଭାବେ ଗ୍ରହଣ କରାଯାଇଛି । ସେହିପରି ଭାବେ, ସାମାଜିକ ବିଜ୍ଞାନ ବିଷୟ "ସମାଜ ଶାସ୍ତ୍ର" ସଂପର୍କିତ ସମସ୍ୟା, ଅର୍ଥନୀତି ଶିକ୍ଷା, ରାଜନୀତି, ବୈଜ୍ଞାନିକ ବିକାଶ, ଭାଷା ଏବଂ ସାହିତ୍ୟ ଗ୍ରନ୍ଥ ସମୂହ ଇତ୍ୟାଦିର ସଂପୃକ୍ତି ବିନା ଅଧ୍ୟୟନ କରିପାରିବା ନାହିଁ । ଇତିହାସ ଏବଂ ସମାଜ ଶାସ୍ତ୍ର ଭଳି, ସାମାଜିକ ବିଜ୍ଞାନର ପ୍ରତ୍ୟେକ ବିଷୟଗୁଡ଼ିକ ସେହି ସମାନ କ୍ଷେତ୍ର ଅଧ୍ୟୟନ ଭିତରେ ଥିବା ଅନ୍ୟ ବିଷୟଗୁଡ଼ିକ (ସାମାଜିକ ବିଜ୍ଞାନର କ୍ଷେତ୍ର) ଏବଂ ଅନ୍ୟ କ୍ଷେତ୍ର (ଯଥା:- ଭୌତିକ ବିଜ୍ଞାନର କ୍ଷେତ୍ର, ଗଣିତର କ୍ଷେତ୍ର, ଜୈବିକ ବିଜ୍ଞାନର କ୍ଷେତ୍ର ଇତ୍ୟାଦି)ର ବିଷୟଗୁଡ଼ିକ ସହିତ ପରସ୍ପର ନିର୍ଭରଶୀଳ ଏବଂ ପାରସ୍ପରିକ ସମ୍ବନ୍ଧ ଅଛି । କିନ୍ତୁ ସାମାଜିକ ବିଜ୍ଞାନରେ ଗୋଟିଏ ବିଷୟ ଏହାର ନିଜ କ୍ଷେତ୍ର ଅଧ୍ୟୟନ ମଧ୍ୟରେ ଥିବା ଅନ୍ୟ ବିଷୟଗୁଡ଼ିକ ସହିତ ଅଧିକ ସଂପୃକ୍ତ ।

କିନ୍ତୁ ଅପେକ୍ଷାକୃତ ଭାବେ ଅନ୍ୟ ଅଧ୍ୟୟନ କ୍ଷେତ୍ରର ବିଷୟଗୁଡ଼ିକ ସହିତ ଏହାର ସ୍ୱଳ୍ପ ସଂପର୍କ ଅଛି । ଚିତ୍ର ୧.୩ ଅନ୍ୟ ବିଷୟଗୁଡ଼ିକ ଉପରେ ସାମାଜିକ ବିଜ୍ଞାନ ବିଷୟ "ଆଇନ"ର ନିର୍ଭରଶୀଳତାକୁ ଦର୍ଶାଯାଇଛି ।

Interdisciplinary Approach To Law




**ଚିତ୍ର : ଅନ୍ୟ ବିଷୟଗୁଡ଼ିକ ଉପରେ ସାମାଜିକ ବିଜ୍ଞାନ ବିଷୟ "ଆଇନ"ର ଆନ୍ତଃ ନିର୍ଭରଶୀଳତା**

ଟିପ୍ପଣୀ

### ୧.୬.୨. ସାମାଜିକ ବିଜ୍ଞାନରେ ସମନ୍ୱୟ ପ୍ରସଙ୍ଗ :-

ସଂପୂର୍ଣ୍ଣଭାବେ ଜ୍ଞାନକୁ ବିଭାଜିତ କରିବା ଯେହେତୁ ଅସମ୍ଭବ, ଏକାତ୍ମକ କାର୍ଯ୍ୟପ୍ରଣାଳୀ ଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ଜ୍ଞାନ ପ୍ରଦାନ କରିବା ଉତ୍ତମ ଅଟେ । ବିଦ୍ୟାଳୟ ସ୍ତରରେ ସାମାଜିକ ବିଜ୍ଞାନକୁ ଏକାତ୍ମକ କାର୍ଯ୍ୟପ୍ରଣାଳୀ ମାଧ୍ୟମରେ ଶିକ୍ଷାଦାନ କରିବା ଆବଶ୍ୟକ । ବର୍ତ୍ତମାନ ଉଦାହରଣ ସହିତ ଆମେ ବୁଝିବା ଯେ କିପରି ସାମାଜିକ ବିଜ୍ଞାନ ବିଷୟଗୁଡ଼ିକ ଏକୀକରଣ ଏବଂ ଅନ୍ତଃବିଷୟ ସ୍ୱଭାବର । ବିଦ୍ୟାଳୟ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ସାଧାରଣ ଶିକ୍ଷଣ ଧାରଣାଗୁଡ଼ିକ ହେଲା :- ଖାଦ୍ୟ, ବସ୍ତ୍ର, ବାସଗୃହ, ଯାତାୟାତ, ପରିବହନ, ଯୋଗାଯୋଗ ଇତ୍ୟାଦି । ବର୍ତ୍ତମାନ 'ଖାଦ୍ୟ' ସମ୍ବନ୍ଧୀୟ ଧାରଣା ନେବା । ନିମ୍ନଲିଖିତ ମାଧ୍ୟମରେ ବିଭିନ୍ନ କ୍ଷେତ୍ରର ବିଷୟଗୁଡ଼ିକ ସହିତ 'ଖାଦ୍ୟ ସଂପର୍କିତ' ହୋଇପାରିବ । ଖାଦ୍ୟର ଉତ୍ପାଦନ, କିଣାବିକା, ବ୍ୟବହାର କରିବା ଇତ୍ୟାଦି ଅର୍ଥନୀତି ସହିତ ସଂପର୍କିତ: ଖାଦ୍ୟ ଶୈଳୀ, ଖାଦ୍ୟର ବିଧି, ଖାଦ୍ୟ ଯୋଗୁ ଏବଂ ସମାଜରେ ପରିବାରରେ ସୃଷ୍ଟି ହେଉଥିବା ଭୁଲ୍ ବୁଝାମଣା, ସାମାଜିକ ଶାସ୍ତ୍ର ସହିତ ସଂପର୍କିତ ; ଖାଦ୍ୟର ଦର ବୃଦ୍ଧି ଓ ହ୍ରାସ, ବଜେଟ୍ ବଣ୍ଟନରେ ସମାନତା ଇତ୍ୟାଦି ରାଜନୈତିକ ବିଜ୍ଞାନ ସହିତ ସଂପର୍କିତ; ବିଭିନ୍ନ ଯୁଗରେ ଖାଦ୍ୟ ସଂପର୍କିତ ସମସ୍ୟା, ବିଭିନ୍ନ ଯୁଗରେ ସହଜପ୍ରାପ୍ୟ ବିଭିନ୍ନ ପ୍ରକାରର ଖାଦ୍ୟ ଇତ୍ୟାଦି ଇତିହାସ ସହିତ ସଂଶ୍ଳିଷ୍ଟ ; ଖାଦ୍ୟ ସହିତ ସଂପୃକ୍ତ ସ୍ୱାସ୍ଥ୍ୟକର ଅଭ୍ୟାସର ପରିଚାଳନା, ବିଭିନ୍ନ ସ୍ୱାଦର ଖାଦ୍ୟ ପ୍ରସ୍ତୁତ କରିବା ଇତ୍ୟାଦି ଗୃହ ବିଜ୍ଞାନ ସହିତ ସଂଶ୍ଳିଷ୍ଟ; ଖାଦ୍ୟକୁ ପରିମାଣରେ ପ୍ରକାଶ, ବିଭାଜନ, ଭଗ୍ନାଂଶ/ କ୍ଷୁଦ୍ର ଖଣ୍ଡରେ ଭାଗ କରିବା ଗଣିତ ସହିତ ସଂପର୍କିତ ; ବିଭିନ୍ନ ପ୍ରକାରର ଭିଟାମିନ, ଖାଦ୍ୟରେ ପ୍ରାପ୍ତ ପୁଷ୍ଟି, ପୁଷ୍ଟିକର ମିଶ୍ରଣ ଅନୁସାରେ ଖାଦ୍ୟ ଦ୍ରବ୍ୟକୁ ଶ୍ରେଣୀଭୁକ୍ତ କରିବା ଇତ୍ୟାଦି ଜୀବ ବିଜ୍ଞାନ ସହିତ ସଂପର୍କିତ; ଖାଦ୍ୟର ସ୍ୱଚ୍ଛତା, ପରିଚ୍ଛନ୍ନତା ଏବଂ ଅଭ୍ୟାସଗତ ଖାଦ୍ୟରେ ସନ୍ତୁଳନ ରକ୍ଷା କରିବା ଇତ୍ୟାଦି ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟ ରକ୍ଷା ସହିତ ସଂଶ୍ଳିଷ୍ଟ ; ଖାଦ୍ୟ ପ୍ରକ୍ରିୟାକରଣରେ ସଂପୃକ୍ତ ଇଲେକ୍ଟ୍ରୋନିକ୍ ଯନ୍ତ୍ରପାତି ଯଥା ଖାଦ୍ୟ ପ୍ରକ୍ରିୟାରେ ଆବଶ୍ୟକୀୟ ଉତ୍ତାପର ପରିମାଣ, ଖାଦ୍ୟ ପ୍ରକ୍ରିୟା ପାଇଁ ବ୍ୟବହୃତ ସୂକ୍ଷ୍ମତରଙ୍ଗ, ଖାଦ୍ୟକୁ ଥଣ୍ଡା ରଖିବା ଇତ୍ୟାଦି ରାସାୟନିକ ବିଜ୍ଞାନ ସହିତ ସଂପର୍କିତ ; ବିଭିନ୍ନ ପ୍ରକାର ଖାଦ୍ୟର ଉତ୍ପାଦନ ପାଇଁ ଆବଶ୍ୟକୀୟ ବିଭିନ୍ନ ପ୍ରକାର ମୃତ୍ତିକା, ବିଭିନ୍ନ ପ୍ରକାରର ଖାଦ୍ୟ ପାଇଁ ସହାୟକ ହେଉଥିବା ପରିବେଶ ଇତ୍ୟାଦି ଭୂଗୋଳ ସହିତ ସଂଶ୍ଳିଷ୍ଟ ; ଖାଦ୍ୟ ଆଧାରିତ ପଦ୍ୟ, ଗଦ୍ୟ, ଗଳ୍ପ, ରଚନା, ଶବ୍ଦ ଭଣ୍ଡାର ଶିକ୍ଷଣ ଇତ୍ୟାଦି ଭାଷା ଏବଂ ସାହିତ୍ୟ ସହିତ ସଂପର୍କିତ । ଏହି ମାଧ୍ୟମରେ, "ଖାଦ୍ୟର" ଧାରଣା ଅଧିକାଂଶ ଶିକ୍ଷଣ କ୍ଷେତ୍ର ଏବଂ ବିଷୟଗୁଡ଼ିକ ସହିତ ସଂପର୍କିତ ହୋଇପାରିବ । ସେହିପରି "ଖାଦ୍ୟ" ଧାରଣା ଭଳି ଅନ୍ୟ ଉଦ୍ଦେଶ୍ୟ ଏବଂ ଶିକ୍ଷଣ ଶିକ୍ଷାଦାନ ପାଇଁ ସାମାଜିକ ବିଜ୍ଞାନର ଅଧିକାଂଶ ଧାରଣାଗୁଡ଼ିକ ବିଭିନ୍ନ କ୍ଷେତ୍ର ଅଧ୍ୟୟନର ଅନ୍ୟ ବିଷୟଗୁଡ଼ିକ ସହିତ ଏକୀକୃତ ହୋଇପାରିବ । ସାମାଜିକ ବିଜ୍ଞାନରେ ଶିକ୍ଷଣ ଏବଂ ଜ୍ଞାନର ଏକୀକରଣକୁ ଏକ କ୍ରିୟାକଳାପ ମାଧ୍ୟମରେ ଆମେ ବୁଝିବା ।

**ସାମାଜିକ ବିଜ୍ଞାନରେ ଜ୍ଞାନର ଏକୀକରଣକୁ ଏକ** କ୍ରିୟାକଳାପ **ମାଧ୍ୟମରେ ଚିତ୍ରଣ କରିବା**

ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଶିକ୍ଷଣ ଏବଂ ଜ୍ଞାନର ଏକୀକରଣକୁ ଚିତ୍ରଣ କରିବା ହେଉଛି ଏକ ଶ୍ରେଣୀଗୃହ ଆଧାରିତ କ୍ରିୟାକଳାପ । ଏହି କ୍ରିୟାକଳାପରେ ଷଷ୍ଠ ଶ୍ରେଣୀର ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଭୂଗୋଳ ବିଷୟରୁ "ଜଙ୍ଗଲ" ଧାରଣାକୁ ନିଆଯାଇଛି ପିଲାମାନଙ୍କୁ / ଶିକ୍ଷାର୍ଥୀମାନଙ୍କୁ ଏକୀକୃତ ଏବଂ ଅନ୍ତଃବିଷୟ ଜ୍ଞାନ ଦେବା ପାଇଁ । କ୍ରିୟାକଳାପ ସଂପର୍କିତ ରୂପରେଖ, କ୍ରିୟାକଳାପ ପ୍ରକ୍ରିୟା ଏବଂ କ୍ରିୟାକଳାପ ଆଧାରିତ ଶିକ୍ଷଣ କାର୍ଯ୍ୟ ନିମ୍ନରେ ଦିଆଯାଇଛି ।

A. କ୍ରିୟାକଳାପ **ରୂପରେଖ :**

ଶ୍ରେଣୀ :- ଷଷ୍ଠ ଶ୍ରେଣୀ
ଶିକ୍ଷଣ ବିଷୟ :- ସାମାଜିକ ବିଜ୍ଞାନ ପାଠ୍ୟକ୍ରମ
ଶିକ୍ଷଣ କ୍ଷେତ୍ର :- ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଭୂଗୋଳ
ଶିକ୍ଷଣ ଧାରଣା :- ଜଙ୍ଗଲ
ଶିକ୍ଷଣ ଉଦ୍ଦେଶ୍ୟ :- "ଜଙ୍ଗଲ" ଧାରଣା ସଂପର୍କିତ ଏକୀକୃତ ଜ୍ଞାନକୁ ବୃଦ୍ଧି କରିବା
ଆବଶ୍ୟକୀୟ ସାମଗ୍ରୀ:-"ଜଙ୍ଗଲ" ସଂପର୍କିତ ପୋଷ୍ଟର

ଟିପ୍ପଣୀ

ଶିକ୍ଷଣ କୌଶଳ :- ପୋଷ୍ଟର ଦେଖାଇବା

ଶିକ୍ଷଣର ମାଧ୍ୟମ :- ବ୍ୟକ୍ତିଗତ

**B. କ୍ରିୟାକଳାପ ପ୍ରକ୍ରିୟା :**

ଏହି କାର୍ଯ୍ୟରେ, ନିମ୍ନଲିଖିତ ମାଧ୍ୟମରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କର "ଜଙ୍ଗଲ" ଧାରଣ ସମ୍ପର୍କିତ ଏକୀକରଣ ଜ୍ଞାନକୁ ବୃଦ୍ଧି କରିବେ ।

ପ୍ରିୟ ଶିକ୍ଷାର୍ଥୀ ମାନେ, ନିମ୍ନରେ ଦୁଇଟି ପୋଷ୍ଟର "ଜଙ୍ଗଲ" ଧାରଣାକୁ ସମ୍ପର୍କିତ କରି ଦିଆଯାଇଛି । ସେହି ଦୁଇଟି ପୋଷ୍ଟର ମଧ୍ୟରୁ ଗୋଟିଏ "ଆଇନ" ବିଷୟ ସହିତ ସଂଶିଷ୍ଟ ହୋଇପାରିବ ଏବଂ ଅନ୍ୟଟି "ଜୀବ ବିଜ୍ଞାନ" ସହିତ ସଂଶିଷ୍ଟ ହୋଇପାରିବ । ବର୍ତ୍ତମାନ ଆମେ ବିଶ୍ଳେଷଣ କରିବା କାହିଁକି ପ୍ରଥମଟି "ଆଇନ" ସମ୍ପର୍କିତ ଏବଂ ଦ୍ୱିତୀୟଟି "ଜୀବ ବିଜ୍ଞାନ" ସହିତ ସମ୍ପର୍କିତ ।

## POSTER - 1

Poster (ପୋଷ୍ଟର) "ଜଙ୍ଗଲ" ଧାରଣାକୁ ପ୍ରଦର୍ଶନ କରୁଛି ଏବଂ ଏହାର "ଆଇନ" ସହିତ ଥିବା ସମ୍ପର୍କକୁ ମଧ୍ୟ ଦର୍ଶାଉଛି ।



କାହିଁକି ଏହି ପୋଷ୍ଟର ବିଷୟ ସହିତ ସମ୍ପର୍କିତ ହୋଇପାରିବ ?

ଅଧିକାଂଶ ଆଇନ ଦ୍ୱାରା ଗଛ କାଟିବାକୁ ନିଷେଧ କରାଯାଇଛି । ଗୋଟିଏ ଲୋକ ଯିଏ ଜଙ୍ଗଲକୁ କାଟିବ ଆଇନ ଦ୍ୱାରା ଦଣ୍ଡ ପାଇବ । ପୋଷ୍ଟରକୁ ଦେଖ, କିପରି ଗୋଟିଏ ଲୋକ ଜଙ୍ଗଲକୁ କାଟିବା ଅପରାଧରେ ଜେଲ୍‌କୁ ଯାଉଛି । "ଆଇନ" ବିଷୟରେ "ଦଣ୍ଡ" ସମ୍ପର୍କରେ ଅଧ୍ୟୟନ କରାଯାଉଥିବାରୁ ଏହି ପୋଷ୍ଟର "ଆଇନ" ବିଷୟ ସହିତ ସମ୍ପର୍କିତ ହୋଇପାରିବ । "ଜଙ୍ଗଲ କାଟ, ଜେଲ୍ ଯାଅ " ।

## POSTER - 2

ପୋଷ୍ଟର "ଜଙ୍ଗଲ" ଧାରଣା ସହିତ ସମ୍ପର୍କିତ



"ବାୟୁ ହେଉଛି ଜୀବନ"
"ପାଣି ହେଉଛି ଜୀବନ"
"ଜଙ୍ଗଲ ହେଉଛି ଜୀବନ"

କାହିଁକି ଏହି ପୋଷ୍ଟର "ଜୀବ ବିଜ୍ଞାନ" ସହିତ ସମ୍ପର୍କିତ ହୋଇପାରିବ ?

ଜୀବନର ମୌଳିକ ଆବଶ୍ୟକତା ହେଉଛି ବାୟୁ,ଜଳ ଇତ୍ୟାଦି । ବାୟୁ, ଜଳ ଭଳି; ଜଙ୍ଗଲ ହେଉଛି ଜୀବନ ପାଇଁ ଆବଶ୍ୟମ୍ଭାବୀ, କାରଣ ଜଙ୍ଗଲ ଠାରୁ ଆମେ ଅମ୍ଳଜାନ ପାଉଛେ ଯେଉଁଟା ମଧ୍ୟ ଆମ ଜୀବନର ମୌଳିକ ଆବଶ୍ୟକତା ଅନ୍ତର୍ଭୁକ୍ତ । ପୋଷ୍ଟରଟିକୁ ଲକ୍ଷ୍ୟ କର, ଶ୍ୱାସପ୍ରଶ୍ୱାସ ଉଦ୍ଦେଶ୍ୟ ପାଇଁ କିପରି ଗୋଟିଏ ଗଛ (ଗୋଟିଏ ଜଙ୍ଗଲର) ଲୋକମାନଙ୍କୁ ଅମ୍ଳଜାନ ଦେଉଛି ।

"ଜୀବ ବିଜ୍ଞାନ " ବିଷୟରେ "ଜୀବନର ଆବଶ୍ୟକତା" କୁ ଆମେ ଅଧ୍ୟୟନ କରୁଛେ । ସେଥିପାଇଁ, ଏହି ପୋଷ୍ଟର "ଜୀବ ବିଜ୍ଞାନ" ବିଷୟ ସହିତ ସମ୍ପର୍କିତ ହୋଇପାରିବ ।

ଉପରୋକ୍ତ ୨ଟି ପୋଷ୍ଟର ଭଳି, ବିଭିନ୍ନ କ୍ଷେତ୍ର ଅଧ୍ୟୟନର ବିଷୟଗୁଡିକ "ଜଙ୍ଗଲ" ଧାରଣା ସହିତ ଥିବା କ୍ରିୟାତ୍ମକ ସମ୍ପର୍କକୁ ଦର୍ଶାଇବାପାଇଁ ମଧ୍ୟ ଆମେ ଅନେକ ଅନ୍ୟ ପୋଷ୍ଟର ପ୍ରସ୍ତୁତ କରିପାରିବା ।

ଟିପ୍ପଣୀ

### C. କ୍ରିୟାକଳାପ ଆଧାରିତ ଶିକ୍ଷଣ ନ୍ୟସ୍ତକାର୍ଯ୍ୟ (Assignment)

ଶିକ୍ଷାର୍ଥୀମାନଙ୍କ ପାଇଁ ନିମ୍ନରେ ବହୁ ସଂଖ୍ୟକ ନ୍ୟସ୍ତକାର୍ଯ୍ୟ ଦିଆଯାଇଛି । ଏହି ନ୍ୟସ୍ତକାର୍ଯ୍ୟ କରିବା ପାଇଁ, ନିମ୍ନଲିଖିତ ମାଧ୍ୟମରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରାଇବେ ।

ପ୍ରିୟ ଶିକ୍ଷାର୍ଥୀ, ନିମ୍ନରେ ତୁମମାନଙ୍କ ପାଇଁ ବହୁ ସଂଖ୍ୟକ ଚିତ୍ତାକର୍ଷକ କାର୍ଯ୍ୟ ଦିଆଯାଇଛି । ସେହି କାର୍ଯ୍ୟଗୁଡିକ ସମାପ୍ତ କର ଏବଂ ଶ୍ରେଣୀରେ ଉପସ୍ଥାପନ କରିବା ପାଇଁ ଦିଅ ।

(୧) ଗଣିତ, ଭାଷା ଏବଂ ସାଧାରଣ ବିଜ୍ଞାନର ବିଷୟ କ୍ଷେତ୍ର ସହିତ "ଜଙ୍ଗଲ" ଧାରଣାର କ୍ରିୟାତ୍ମକ ସମ୍ପର୍କକୁ ଦର୍ଶାଇବା ପାଇଁ ପୋଷ୍ଟର ପ୍ରସ୍ତୁତ କର ।

(୨) "ଦୁର୍ବିପାକ (Calanity)"ହେଉଛି ଏକ ସାମାଜିକ ବିଜ୍ଞାନର ଧାରଣା । ଏହା କିପରି ଭାବରେ ଅର୍ଥନୀତି, ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟ ବିଜ୍ଞାନ, ଆଇନ, ଗଣିତ, ରାଜନୀତି ବିଜ୍ଞାନ ସହ ସମ୍ପର୍କ ସ୍ଥାପନ ହୋଇପାରିବ ବର୍ଣ୍ଣନା କର ।

(୩) ଗଣିତର "ଶତକଡା" ଧାରଣାକୁ ନିଅ । ଏହି ଧାରଣାକୁ ଯେ କୌଣସି ୬ଟି ବିଷୟ କ୍ଷେତ୍ର ସହିତ ସମ୍ପର୍କିତ କର ଏବଂ ଏହି ସମ୍ପର୍କକୁ ସ୍ପଷ୍ଟ କରିବା ପାଇଁ ଉପଯୁକ୍ତ ଉଦାହରଣ ଦର୍ଶାଅ ।

(୪) ସପ୍ତମ ଶ୍ରେଣୀ (CBSE) ଭୂଗୋଳ, ଇତିହାସ, ସାମାଜିକ ଏବଂ ରାଜନୈତିକ ଜୀବନର ପାଠ୍ୟପୁସ୍ତକ ପଢ । ଏହି ୩ ଟି ପାଠ୍ୟପୁସ୍ତକରୁ ୩୦ ରୁ ୪୦ ଧାରଣା ଯେଉଁ ଗୁଡିକ ସାଧାରଣତଃ ଏକପ୍ରକାର ସେହିଗୁଡିକୁ ନେଇ ଏକ ତାଲିକା ପ୍ରସ୍ତୁତ କର ।

**ନିଜ ଅଗ୍ରଗତି ଆକଳନ- ୫**

ଇତିହାସ ବିଷୟରେ ଆତ୍ମଶୃଙ୍ଖଳିତ ସ୍ୱଭାବକୁ ବର୍ଣ୍ଣନା କର ।

-----------------------------------------------------------------------------------

-----------------------------------------------------------------------------------

-----------------------------------------------------------------------------------

-----------------------------------------------------------------------------------

### ୧.୭ ସାରାଂଶ

ଏହି ଏକକ ସାମାଜିକ ବିଜ୍ଞାନର ଲକ୍ଷଣ ସହିତ ଅଧିକ ପରିଚିତ କରିବା ପାଇଁ ଆମକୁ ସାହାଯ୍ୟ କରିଛି । ଏହି ଏକକରେ ସାମାଜିକ ବିଜ୍ଞାନର ଲକ୍ଷଣ / ପ୍ରକୃତି, ତାତ୍ତ୍ୱିକ ବର୍ଣ୍ଣନା ଏବଂ ଆଲୋଚନା, ବ୍ୟାବହାରିକ ଉଦାହରଣ ଓ ଗୁଣୋଲ୍ଲେଖ, ନ୍ୟସ୍ତ କାର୍ଯ୍ୟ ଏବଂ ପ୍ରକଳ୍ପ ଇତ୍ୟାଦି ଦ୍ୱାରା ଉପସ୍ଥାପନ କରାଯାଇଛି । ଏହି ଏକକ ମୁଖ୍ୟତଃ ସାମାଜିକ ବିଜ୍ଞାନର କ୍ରମବିକାଶ ଓ ଧାରଣା, ବିଭିନ୍ନ ଯୁଗରେ ସାମାଜିକ ବିଜ୍ଞାନର ଅବସ୍ଥା, ସମାଜର ସାମ୍ପ୍ରତିକ ଅବସ୍ଥା (Status), ସାମାଜିକ ବିଜ୍ଞାନର ଉପାଦାନ ଏବଂ ସାମାଜିକ ବିଜ୍ଞାନରେ ସମନ୍ୱୟ ଓ ଆନ୍ତଃବିଷୟ ପ୍ରସଙ୍ଗ ସମ୍ପର୍କିତ ଶିକ୍ଷଣ କ୍ଷେତ୍ରଗୁଡିକୁ ଉଲ୍ଲେଖ କରିଛି । ଏହି ଏକକର ମୁଖ୍ୟ ଶିକ୍ଷଣ ପଏଣ୍ଟ୍ ନିମ୍ନରେ ଆଲୋଚନା କରାଯାଇଛି ।

ସାମାଜିକ ବିଜ୍ଞାନ ଜ୍ଞାନର କ୍ଷେତ୍ର / ଶାଖାକୁ ଗଠନ କରିଥାଏ । ଏହା ମୁଖ୍ୟତଃ ବିସ୍ତୃତ ସାମାଜିକ ବ୍ୟବସ୍ଥାର ପରିସରରେ ଦୃଶ୍ୟମାନ ହେଉଥିବା ମାନବୀୟ କାର୍ଯ୍ୟକଳାପ କିମ୍ବା ମାନବ ସମ୍ପର୍କକୁ ଅଧ୍ୟୟନ କରିଥାଏ। $18^{th}$ ଶତାବ୍ଦୀରେ ଆଧୁନିକ ବିଜ୍ଞାନ,ଔଦ୍ୟୋଗିକରଣ, ଆଧୁନିକୀକରଣର ବିକାଶ ଦ୍ୱାରା ସୃଷ୍ଟ ହୋଇଥିବା ସାମାଜିକ ସମସ୍ୟା ଏବଂ ଆହ୍ୱାନଗୁଡିକର ସାମନା କରିବା ଏବଂ ସେସବୁର ସମାଧାନ କରିବା ପାଇଁ ବିଶ୍ୱବିଦ୍ୟାଳୟ ଶିକ୍ଷା ସ୍ତର / ଉଚ୍ଚ ଶିକ୍ଷା ସ୍ତରରେ ସାମାଜିକ ବିଜ୍ଞାନ ଗୋଟିଏ ଔପଚାରିକ ବିଷୟ ଅଧ୍ୟୟନ ଭାବେ ଗ୍ରହଣ କରାଯାଇଛି । ଯୁବ ଶିକ୍ଷାର୍ଥୀମାନ ମଧ୍ୟରେ ଗଣତାନ୍ତ୍ରିକ **ଏବଂ** ସାମାଜିକ ନାଗରିକତା ଗୁଣଗୁଡିକର ବିକାଶ କରିବାରେ ସାମାଜିକ ବିଜ୍ଞାନର ଗୁରୁତ୍ୱକୁ ଅନୁଭବ କରାଯାଇ, କିଛି ବର୍ଷ ହେଲା ଆମ ଦେଶ ଭାରତ ସହ ସମଗ୍ର ବିଶ୍ୱରେ ସାମାଜିକ ବିଜ୍ଞାନକୁ ବିଦ୍ୟାଳୟ ପାଠ୍ୟକ୍ରମର ଏକ ଅଂଶ ଭାବେ ଗ୍ରହଣ କରାଯାଇଛି ।

ଉଚ୍ଚ ଶିକ୍ଷା / ଉଚ୍ଚ ବିଦ୍ୟାଳୟ ସ୍ତରରେ, ସାମାଜିକ ବିଜ୍ଞାନର ବିଭିନ୍ନ ବିଷୟଗୁଡିକ ଯଥା - ଇତିହାସ,ରାଜନୀତି ବିଜ୍ଞାନ,ମାନବଶାସ୍ତ୍ର, ଆଇନ ଇତ୍ୟାଦିକୁ ସ୍ୱାଧୀନ / ଇଚ୍ଛାଧୀନ ବିଷୟ ଭାବେ ପଢା ଯାଉଛି । ମୌଳିକ

ଟିପ୍ପଣୀ

ବିଦ୍ୟାଳୟ ସ୍ତରରେ, ସାମାଜିକ ବିଜ୍ଞାନକୁ ଏକ ସ୍ୱତନ୍ତ୍ର ବିଷୟ ଭାବେ ପଢାଯାଉଛି ଏବଂ ଏହାକୁ "ସାମାଜିକ ପାଠ ପାଠ୍ୟକ୍ରମ" କିମ୍ବା "ସାମାଜିକ ବିଜ୍ଞାନ ପାଠ୍ୟକ୍ରମ" ଭାବେ ନାମିତ କରାଯାଇଛି ।

ସାମାଜିକ ବିଜ୍ଞାନର ଶିକ୍ଷଣ ମାନବ ସଭ୍ୟତା ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଏକ ଲମ୍ବା ସମୟର ଗତିପଥକୁ ଅତିକ୍ରମ କରିଛି । ପ୍ରାଚୀନ ଏବଂ ମଧ୍ୟଯୁଗୀୟ ସମାଜରେ, ସାମାଜିକ ବିଜ୍ଞାନର ଶିକ୍ଷଣ ଥିଲା ଅଧିକ ଅଣଔପଚାରିକ ଏବଂ ଅସଂଗଠିତ, କିନ୍ତୁ ସଂପ୍ରତି ଏହା ଆଧୁନିକ ଏବଂ ସଂଗଠିତ ହୋଇଛି । ଆମ ଭାରତରେ, ସାମାଜିକ ବିଜ୍ଞାନର ଶିକ୍ଷଣ ବୈଦିକ ଏବଂ ଉପନିଷଦ ଯୁଗରୁ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ଏହା ଶିକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଗଠନ କରାଯାଇଛି ।

ସାମ୍ପ୍ରତିକ ସମାଜରେ ଔଦ୍ୟୋଗିକରଣ ଏବଂ ଆଧୁନିକୀରଣର ବ୍ୟାପକ ବ୍ୟବହାର ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଦ୍ରୁତଗତିରେ ବୃଦ୍ଧି ଯୋଗୁଁ, ନୂତନ ସାମାଜିକ ସମସ୍ୟାଗୁଡିକ ଯଥା ଶ୍ରମିକ ଶୋଷଣ,ଜନ ସଂଖ୍ୟା ସମସ୍ୟା, ଅପରାଧ ଜନିତ ଅଭ୍ୟାସ ଇତ୍ୟାଦି ଦିନକୁ ଦିନ ବୃଦ୍ଧି ପାଇଛି । ଏହି ନୂତନ ସାମାଜିକ ସମସ୍ୟାକୁ ସମ୍ମୁଖୀନ କରିବା ପାଇଁ, ଅଧିକାଂଶ ନୂତନ ସାମାଜିକ ବିଜ୍ଞାନ ବିଷୟ ସମୟକ୍ରମେ ଦୃଶ୍ୟମାନ ହୋଇଛି । କେତେକ ନୂତନ ସାମାଜିକ ବିଜ୍ଞାନ ହେଲା :- ଅପରାଧ ବିଜ୍ଞାନ, ଜନସଂଖ୍ୟା ତତ୍ତ୍ୱ ଇତ୍ୟାଦି ।

ସାମାଜିକ ବିଜ୍ଞାନ ହେଉଛି ଏକ ଅଧ୍ୟୟନର କ୍ଷେତ୍ର ଯାହା ଅଧିକ ସଂଖ୍ୟକ ବିଷୟ ଯଥା ରାଜନୀତି ବିଜ୍ଞାନ, ନୃତତ୍ତ୍ୱ, ଆଇନ, ଅର୍ଥନୀତି, ଭୂଗୋଳ ଇତ୍ୟାଦିକୁ ସଂପୃକ୍ତ କରିଛି । ବିଦ୍ୟାଳୟ ସ୍ତରରେ, ସାମାଜିକ ବିଜ୍ଞାନ ଗୋଟିଏ ଏକୀକୃତ ପାଠ୍ୟକ୍ରମ କ୍ଷେତ୍ରକୁ ଗଠନ କରୁଛି । ବହୁ ସଂଖ୍ୟକ ସାମାଜିକ ବିଜ୍ଞାନ ବିଷୟରୁ ଏହାର ବିଷୟବସ୍ତୁଗୁଡିକୁ (contents) ଅଣାଯାଇଛି, କିନ୍ତୁ ଏହି ବିଷୟବସ୍ତୁଗୁଡିକ ୩/୪ଟି ଶିକ୍ଷା ସମ୍ବନ୍ଧୀୟ ମୁଖ୍ୟ ବିଷୟ ଭାବେ ସଂଗଠିତ କରାଯାଇଛି ।

ସାମାଜିକ ବିଜ୍ଞାନ ବିଷୟଗୁଡିକ ହେଉଛି ମୁଖ୍ୟତଃ ପରସ୍ପର ନିର୍ଭରଶୀଳ ଏବଂ ଅନ୍ତଃ ବିଷୟ ସ୍ୱଭାବର । ସେମାନଙ୍କ ମଧ୍ୟରେ ( ସମାନ କ୍ଷେତ୍ର ଅଧ୍ୟୟନ ମଧ୍ୟରେ ) ଏବଂ ଅନ୍ୟ କ୍ଷେତ୍ରର ଅଧ୍ୟୟନ ଯଥା ଭୌତିକ ବିଜ୍ଞାନ, ଗାଣିତିକ ବିଜ୍ଞାନ, ଜୈବିକ ବିଜ୍ଞାନ ପାଠ୍ୟକ୍ରମର ଅଧ୍ୟୟନ କରାଯାଏ, ସେତେବେଳେ ଏହା ଅନ୍ୟ ବିଷୟଗୁଡିକ ସହିତ ଏକୀକୃତ ଭାବେ ଅଧ୍ୟୟନ କରଯାଏ । ସାମାଜିକ ବିଜ୍ଞାନ ସମ୍ପର୍କିତ ଅଧିକ ଜ୍ଞାନ ତୁମେ  ପରବର୍ତ୍ତୀ ଏକକରୁ ପାଇପାରିବ ।

## ୧.୮ ଶବ୍ଦାବଳୀ

ନବଜାଗରଣ (Renaissance): ନବଜାରଣର ଅର୍ଥ ହେଉଛି ଜ୍ଞାନର ପୁନଃ ଜାଗୃତି କରିବା । ବିଜ୍ଞାନ, ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକଏବଂ ଜୀବନସାମାଜିକର ବିଭିନ୍ନ କ୍ଷେତ୍ରରେ ଜ୍ଞାନର ପୁନଃଜାଗୃତି ସମୟ ଠାରୁ 18th ଶତାବ୍ଦୀ ଏବଂ ଏହାର ପରବର୍ତ୍ତୀ ଶତାବ୍ଦୀ ପର୍ଯ୍ୟନ୍ତ ବଡ ଆକାରର ନବଜାଗରଣ ଭାବେ ଗ୍ରହଣ କରାଯାଇଛି । ଆଧୁନିକ ଯୁଗର ନବଜାଗରଣ ବିଜ୍ଞାନ, ଉଦୌଗିକରଣ, ଆଧୁନିକୀକରଣରୁ ଦୃତ ବୃଦ୍ଧି ବହୁମାତ୍ରାରେ ପ୍ରଭାବ ପକାଇଥିଲା ।

ଗାନ୍ଧିଜୀଙ୍କର ମୌଳିକ ଶିକ୍ଷା (Gandhiji's Basic education):- 1937 ରେ ଗାନ୍ଧିଜୀ ଶିକ୍ଷାର ଏକ ପରିକଳ୍ପନା ଚୁଡାନ୍ତ କରିଥିଲେ ଏବଂ  1937 , 22nd ଏବଂ 23rd ଅକ୍ଟୋବରରେ ସେହି ପରିକଳ୍ପନା ଓ୍ୱାର୍ଦ୍ଧା (wardha) ର All India National Education Conference ଠାରେ ଉପସ୍ଥାପନ କରାଯାଇଥିଲା । ଭାରତୀୟ ପିଲାମାନଙ୍କର ମୌଳିକ ଆବଶ୍ୟକତା ଏବଂ ଉଚ୍ଚାଭିଳାଷ ଉପରେ ଗାନ୍ଧିଜୀଙ୍କର ମୌଳିକ ଶିକ୍ଷାର ପରିକଳ୍ପନା ପର୍ଯ୍ୟବଶିତ ଥିଲା ।

ଅର୍ଥନୈତିକ ମାନ୍ଦାବସ୍ଥା (Economic depression):- ଅର୍ଥନୈତିକ ମାନ୍ଦାବସ୍ଥାର ଅର୍ଥ ହେଉଛି ଅର୍ଥନୈତିକ କିମ୍ବା ଆର୍ଥିକ ସ୍ଥିତିର ମନ୍ଥରତା । ଯେତେବେଳେ ଅର୍ଥନୈତିକ ମାନ୍ଦାବସ୍ଥା ଘଟୁଛି ଅର୍ଥନୈତିକ ଅନୁଷ୍ଠାନ ଯଥା ଦ୍ରବ୍ୟ ଓ ସେବାର ଉତ୍ପାଦନ, ଦ୍ରବ୍ୟ ଓ ସେବାର କିଣାବିକା, ଦରମା ବୃଦ୍ଧି ଓ ଦରଦାମ ହ୍ରାସର ଭରଣପୋଷଣ ଇତ୍ୟାଦି ବିଫଳ ହେଉଛି । 1930 କୁ ଏକ ବଡ ଧରଣର ଅର୍ଥନୈତିକ ମାନ୍ଦାବସ୍ଥା ସମୟ ବୋଲି କୁହାଯାଏ କାରଣ ବିଭିନ୍ନ ଅଂଶରେ ଏହି ସମୟରେ ଅର୍ଥନୈତିକ ମାନ୍ଦାବସ୍ଥା ଚଳିଚାଲିଥିଲା ।

ଟିପ୍ପଣୀ

## ୧.୯ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

ପ୍ରଶ୍ନ ନଂ ୧ ର ଉତ୍ତର : - National Focus Group on Teaching Science (2006)ଅନୁସାରେ ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷା ଦାନର ଉଦ୍ଦେଶ୍ୟଗୁଡ଼ିକ ହେଉଛି:-

- ପୃଥିବୀ ହେଉଛି ମାନବ ଜାତି ଏବଂ ଅନ୍ୟ ଜୀବନ୍ତ ପ୍ରାଣୀ ଓ ଗଠନ ରୂପଧାରୀଙ୍କ ପାଇଁ ପ୍ରାକୃତିକ ବାସ ସଂକ୍ରାନ୍ତ ବୁଝାମଣା / ବୋଧଶକ୍ତିର ବିକାଶ କରିବା
- ଶିକ୍ଷାର୍ଥୀମାନଙ୍କୁ ନିଜସ୍ୱ ଧର୍ମ, ରାଜ୍ୟ ଏବଂ ବିଶ୍ୱ ପ୍ରସଙ୍ଗରେ ଦେଶର ଅଧ୍ୟୟନ ଆରମ୍ଭ କରିବା ପାଇଁ ପ୍ରବର୍ତ୍ତାଇବା ।
- ବିଶ୍ୱର ଅନ୍ୟ ଦେଶଗୁଡ଼ିକର ସମସାମୟିକ ବିକାଶ ସହିତ ଭାରତର ଅତୀତକୁ ଅଧ୍ୟୟନ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରବର୍ତ୍ତାଇବା ।
- ଦେଶର ପ୍ରକ୍ରିୟା ଏବଂ ସାମାଜିକ ଓ ରାଜନୈତିକ ଅନୁଷ୍ଠାନର ଗତିଶୀଳତା ଏବଂ କାର୍ଯ୍ୟ ସହିତ ଶିକ୍ଷାର୍ଥୀମାନଙ୍କୁ ପରିଚିତ କରାଇବା ।

ପ୍ରଶ୍ନ ନଂ ୨ ଉତ୍ତର :- ଅତୀତ ଭାରତୀୟ ସାଂସ୍କୃତିକ / ଶିକ୍ଷା ବ୍ୟବସ୍ଥାରେ ସାମାଜିକ ବିଜ୍ଞାନ ଶିକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକୃତ କରିଛି । ଅତୀତ ଭାରତର ଦର୍ଶନଶାସ୍ତ୍ରକୁ ନୈତିକତା, ଆଧ୍ୟାତ୍ମିକତା, ସାମାଜିକ ମୂଲ୍ୟବୋଧ ଏବଂ ପ୍ରବଣତା ଇତ୍ୟାଦି ପଥ ପ୍ରଦର୍ଶନ କରିଥାନ୍ତି । ସୁସ୍ଥ ଜୀବିତ ନିୟମ ଏବଂ ସାମାଜିକ ମୂଲ୍ୟବୋଧକୁ ପୂର୍ବ-ଐତିହାସିକ / ପ୍ରାକ୍ - ଐତିହାସିକ ଯୁଗର କେତେକ ଭାରତୀୟ ଧର୍ମଗ୍ରନ୍ଥ ଯଥା ବେଦ, ଉପନିଷଦ, ସ୍ମୃତି, ପୁରାଣ, ରାମାୟଣ, ମହାଭାରତ ଇତ୍ୟାଦି ବହନ କରିଛନ୍ତି । କୈଟିଲ୍ୟଙ୍କର ଅର୍ଥଶାସ୍ତ୍ର, ବିଷ୍ଣୁ ଶର୍ମାଙ୍କର ପଂଚତନ୍ତ୍ର ଇତ୍ୟାଦି ହେଉଛି କେତେକ ଅତୀତ ଭାରତୀୟ ରଚନା କିମ୍ବା ବହି ଯେଉଁ ଗୁଡ଼ିକ ସାମାଜିକ ବିଜ୍ଞାନର ମତବାଦ ଏବଂ ନିୟମ ସହିତ ସମ୍ପର୍କିତ । ଏହି ସମସ୍ତ ବିଷୟବସ୍ତୁ ଅନୁସାରେ, ଅତୀତ ଭାରତରେ ସାଂସ୍କୃତିକ / ଶିକ୍ଷା ବ୍ୟବସ୍ଥାର ସାମାଜିକ ବିଜ୍ଞାନ ଏକ ଅଂଶ ଥିଲା ।

**ପ୍ରଶ୍ନ ନଂ ୩ ଉତ୍ତର :-** ଉଚ୍ଚସ୍ତରୀୟ ମାଧ୍ୟମ (Advaneed media) ଏବଂ ଅନ୍ୟାନ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା (Technology) ର ପ୍ରଭାବ ଦ୍ୱାରା ଆମର ବର୍ତ୍ତମାନ ସମାଜ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି, ତେଣୁ ସମୟକ୍ରମେ ନୂତନ ସାମାଜିକ ସମସ୍ୟା ପରିଲକ୍ଷିତ ହେଉଛି । ଏହି ନୂତନ ସାମାଜିକ ସମସ୍ୟାକୁ ନ୍ୟୂନତମ କରିବା ପାଇଁ, ନୂତନ ସାମାଜିକ ବିଜ୍ଞାନ ଦୃଶ୍ୟମାନ ହୋଇଛି ଏବଂ ଶିକ୍ଷା ବ୍ୟବସ୍ଥାର ଏକ ଅଂଶ ଭାବେ ପରିଗଣିତ ହୋଇଛି । $18^{th}$ ଏବଂ $19^{th}$ ଶତବ୍ଦୀରେ, ସାମାଜିକ ବିଜ୍ଞାନର ବିଷୟଗୁଡ଼ିକ ଯଥା- ସାମାଜିକ ସେବା (Social work),ଜନତା ପ୍ରଶାସନ (Public administration),ଅପରାଧ ବିଜ୍ଞାନ (Criminology),ମନୋବିଜ୍ଞାନ (Psychology) ଏବଂ ଜନସଂଖ୍ୟା ତତ୍ତ୍ୱ (demography) ଇତ୍ୟାଦି ଅଳ୍ପ ଅନୁଭୂତ ଥିଲା । କିନ୍ତୁ ବର୍ତ୍ତମାନ ଶତାବ୍ଦୀରେ ଏହି ବିଷୟଗୁଡ଼ିକୁ ଅଧିକ ଗୁରୁତ୍ୱ ଦିଆଯାଉଛି କାରଣ ବର୍ତ୍ତମାନ ଶତାବ୍ଦୀର ଅଧିକାଂଶ ସମସ୍ୟା ଏହି ବିଷୟଗୁଡ଼ିକ ସହିତ ସମ୍ପର୍କିତ । ଉଦାହରଣ :- $18^{th}$ ଏବଂ $19^{th}$ ଶତବ୍ଦୀରେ ଜନସଂଖ୍ୟା ସମ୍ପର୍କିତ ସମସ୍ୟା ବିଶେଷତଃ ଜନସଂଖ୍ୟାର ବୃଦ୍ଧି ଗୋଟିଏ ବଡ ଧରଣର ସାମାଜିକ ସମସ୍ୟା ହୋଇନଥିଲା । କିନ୍ତୁ ପରବର୍ତ୍ତୀ ଶତାବ୍ଦୀ ଏବଂ ବର୍ତ୍ତମାନ ଶତାବ୍ଦୀରେ ଜନସଂଖ୍ୟା ବୃଦ୍ଧି ସମ୍ପର୍କିତ ଜଟିଳତା ସାମାଜିକ ଜୀବନର ଅଧିକାଂଶ ଦିଗକୁ ପ୍ରଭାବ ପକାଇ ଥିଲା । ଯାହା ପାଇଁ ଜନସଂଖ୍ୟା ତତ୍ତ୍ୱ ବିଷୟର ଦୃଶ୍ୟମାନ/ଆତ୍ମପ୍ରକାଶ ହୋଇଛି ଏବଂ ଏହା ଶିକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ । ସମୟକ୍ରମେ ସେହିପରି ଅଧିକାଂଶ ସାମାଜିକ ବିଜ୍ଞାନ ବିଷୟଗୁଡ଼ିକ ଦୃଶ୍ୟମାନ ହୋଇଛି ସାମାଜିକ ସମସ୍ୟାର ପରିବର୍ତ୍ତନଶୀଳ ସ୍ୱଭାବକୁ ସାମନା କରିବା ପାଇଁ ।

**ପ୍ରଶ୍ନ ସଂଖ୍ୟା ୪ ର ଉତ୍ତର** : ଗୋଟିଏ ଶିକ୍ଷା କ୍ଷେତ୍ରର ଅଧ୍ୟୟନକୁ ୩ଟି ଉପାୟରେ ବର୍ଣ୍ଣନା କରାଯାଏ:-

(୨) ଗୋଟିଏ କ୍ଷେତ୍ର ଅଧିକାଂଶ ସଂଖ୍ୟକ ବ୍ୟକ୍ତିଗତ ବିଷୟଗୁଡ଼ିକୁ ସଂପୃକ୍ତ କରିଥିବା ଆବଶ୍ୟକ ।

(୨) ଗୋଟିଏ କ୍ଷେତ୍ରର ନିୟନ୍ତ୍ରଣରେ ଥିବା ବିଷୟଗୁଡ଼ିକ ମଧ୍ୟରେ କାର୍ଯ୍ୟାତ୍ମକ ସମ୍ପର୍କ ଏବଂ ବିଭିନ୍ନତା ଦେଖାଯାଏ ।

(ଘ) ବିଭିନ୍ନ କ୍ଷେତ୍ରର ବିଷୟଗୁଡିକ ଏବଂ ବିଭିନ୍ନ କ୍ଷେତ୍ରଗୁଡିକ ମଧ୍ୟରେ କାର୍ଯ୍ୟାତ୍ମକ ସମ୍ପର୍କ ଏବଂ ବିଭିନ୍ନତା ଦେଖାଯାଏ ।

ସାମାଜିକ ବିଜ୍ଞାନ କ୍ଷେତ୍ର ନିୟନ୍ତ୍ରଣରେ ସାଧାରଣତଃ ୫ଟି ବିଷୟକୁ ସଂପୃକ୍ତ କରାଯାଇଛି । ସେଗୁଡିକ ହେଲା :- ରାଜନୀତି ବିଜ୍ଞାନ, ଭୂଗୋଳ, ଆଇନ୍, ସମାଜ ଶାସ୍ତ୍ର ଏବଂ ଇତିହାସ ଇତ୍ୟାଦି ।

ଟିପ୍ପଣୀ

ପ୍ରଶ୍ନ ସଂଖ୍ୟା ୫ର ଉତ୍ତର :- ଇତିହାସ ବିଷୟ ହଉଛି ଆତ୍ମଶୃଙ୍ଖଳିତ ସ୍ୱଭାବର । ଏହା ହେଉଛି ଆତ୍ମଶୃଙ୍ଖଳିତ ବିଷୟ କାରଣ, ଯେତେବେଳେ ଆମେ ଇତିହାସକୁ ଅଧ୍ୟୟନ କରିବା ସେତେବେଳେ ଆମେ ଇତିହାସର ଅଧିକାଂଶ ସାମାଜିକ ବିଜ୍ଞାନ ବିଷୟ ଯଥା:- ରାଜନୈତିକ ଇତିହାସ, ଅର୍ଥନୈତିକ ଇତିହାସ, ସାମାଜିକ ଇତିହାସ, ମନୋବିଜ୍ଞାନ ଇତିହାସ, ଧାର୍ମିକ ଇତିହାସ ଇତ୍ୟାଦିକୁ ଅଧ୍ୟୟନ କରିବା । ଏହା ସହିତ , ଇତିହାସର ଅଧିକାଂଶ ଅଣ-ସାମାଜିକ ବିଜ୍ଞାନ ବିଷୟ ଯଥା :- ପଦାର୍ଥ ବିଜ୍ଞାନର ଇତିହାସ, ଉଦ୍ଭିଦ ବିଜ୍ଞାନ ର ଇତିହାସ, ପ୍ରାଣୀବିଜ୍ଞାନର ଇତିହାସ, ଗଣିତର ଇତିହାସ, ବିଭିନ୍ନ ଭାଷାର ଇତିହାସ ଇତ୍ୟାଦିକୁ ମଧ୍ୟ ଇତିହାସର ଅଂଶ ଭାବେ ଗ୍ରହଣ କରାଯାଇଛି ।

## ୧.୧୦ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- Barker, E. (1967). Principales of social and Political Theory. Oxford: oxford University press.
- Basantia, T.K. & Purkayastha, B. (2010) . Competency Based Teaching Learning Process at Primary Level : An Analysis. In K.D. Gaur, R. Prasad and H. Bergal ( Eds. ), Globalization and Economy, New Delhi: Sunrise Publication.
- Basantia, T.K. (2003). Effect of Activity Based Joyful Learning Approach in Achiering Inderdisciplinary MLL competencies through Teaching of Environmental Studies at Primary Level. M. Phil. Education . Utkal University.
- Basantia, T.K. (2006). Effect of Multi - Dimensional Activity based Integrated Approach in Enhancing cognitive and Creative Abilities in Social Studies of Elementary School children. Ph.D. Education. Utkal Unviersity.
- Coombs, P.H. (1985). The world crisis in education. New york: Oxford University Press.
- Delors, J.(1996). Learning the Treasure within- Report to UNESCO of the International Commission on Education for Twenty first Century . UNESCO
- Govt. of India (1996) the Education Commission (1964-66) New Delhi: Ministry of Education.
- Govt. of India (1996). the Education Commission (1964-66) New Delhi: ministry of Education.
- Govt. of India. (1986). National Policy on Education ( 1986). New Delhi: MHRD
- Jarolimet, J. (1962). Social Studies in Elementary Education, New york: The mac Millan Company.
- Mishra,s.,& Basantia, T.K. (2003). The modalities of Teachers' empowerment for organizing Creative activities for Development of various abiliteis in Elementary School children. The Primary Teacher 28(4), 43-47
- NCERT (1975), The Curriculum for Ten year school: A Framework . New Delhi: NCERT
- NCERT (1988). National Curriculum for Elementary and Secondary Education. New Delhi: NCERT.
- NCERT (2006). Position Paper - National Focus Group on Teaching of social Sciences. New Delhi: NCRT
- NCERT (2000). National Curricullum Framework for School Education. New Delhi: NCERT
- NCERT (2005). National Curriculum Frame work -2005 New Delhi:NCERT.

ଟିପ୍ପଣୀ


- Panda, B.N.,& Basantia, T.K. (2006). Civic awareness: A recurring challenge of Present day Education - Educational Strategies for its Enhancement. The Social science International, 22(1), 84-96.
- Ross, D. (1991). The origin of American Social Science. New york: Cambridge University Press.
- Trail. R.D., Logan, L.M.,& Remnington, G.T. (1986). Teaching the socail sciences: A Creative Direction. sidney: Mc Graw - Hill company.


## ୧.୧୧ ପାଠାନ୍ତ ପ୍ରଶ୍ନାବଳୀ

୧. ଯେକୌଣସି ୩ଟି ବୋର୍ଡ ଯଥା CBSE, ICSE ଏବଂ ତୁମ ରାଜ୍ୟ ବୋର୍ଡରୁ ଯେକୌଣସି ଶ୍ରେଣୀର ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକ ନିଅ । ଏହି ସମସ୍ତ ବୋର୍ଡରୁ ସେହି ପାଠ୍ୟପୁସ୍ତକର ବିଷୟବସ୍ତୁ ରେ ରହିଥିବା ସମାନତା ଓ ପାର୍ଥକ୍ୟଗୁଡ଼ିକୁ ଅନୁଧ୍ୟାନ କର । ଏହି ସମସ୍ତ ପାଠ୍ୟ ପୁସ୍ତକ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ ପରାମର୍ଶ ଦିଅ ।

୨. ପ୍ରାରମ୍ଭିକ ବିଦ୍ୟାଳୟ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରୁ ଯେକୌଣସି ଗୋଟିଏ ଧାରଣାକୁ ଚୟନ କର ଏବଂ ଏକୀକୃତ ଓ ଅନ୍ତଃବିଷୟ ଶିକ୍ଷଣ-ଶିକ୍ଷାଦାନ ପ୍ରଣାଳୀ ଦ୍ୱାରା ସେହି ଧାରଣକୁ ଶିକ୍ଷାର୍ଥୀମାନଙ୍କୁ କିପରି ପଢ଼ାଯିବ ସେଥିପାଇଁ ଏକ ପାଠ୍ୟଯୋଜନା ପ୍ରସ୍ତୁତ କର ।

୩. ବର୍ତ୍ତମାନର ଦିନ ହେଉଛି $21^{st}$ ଶତାବ୍ଦୀର ଆରମ୍ଭର ପର୍ଯ୍ୟାୟ । ଆଜିର ଦିନ ଠାରୁ $21^{st}$ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଅଧିକାଂଶ ନୂତନ ସାମାଜିକ ସମସ୍ୟାମାନ ଆମ ସମାଜକୁ ପ୍ରଭାବିତ କରିବ । $21^{st}$ ଶତାବ୍ଦୀ ମଧ୍ୟରେ ଘଟିବାକୁ ଯାଉଥିବା ନୂତନ ସାମାଜିକ ସମସ୍ୟାଗୁଡ଼ିକର ତାଲିକା ପ୍ରସ୍ତୁତ କର । ନିଜ ଅନୁଭୂତିରୁ ସେହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ କାଳ୍ପନିକ ଯୋଜନା ପ୍ରସ୍ତୁତ କର ।